## ଶିମିଳିପାଳକୁ ଶିକାରୀ ମୁକ୍ତ ପାଇଁ ନୂଆ ଅଭିଯାନ

# ସୁରକ୍ଷାରେ ନିୟୋଜିତ ହେବେ ୪ ସନ୍ଧାନୀ କୁକୁର





**ବାରିପଦା, ୫ ।୧୨(ସମିସ)**

ପ୍ରାକୃତିକ ସୌନ୍ଦର୍ଯ୍ୟର ଗାରିମାରେ ପରିପୂର୍ଣ୍ଣ ଏସିଆ ମହାଦେଶ ଦ୍ୱିତୀୟ ବୃହତ୍ତମ ଜୈବ ମଣ୍ଡଳ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ଆଉ ଏକ ଫର୍ଦ୍ଦ ଯୋଡି ହେବାକୁ ଯାଉଛି । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜାତୀୟ ଉଦ୍ୟାନର ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା କରିବା ପାଇଁ ୪ଟି ସନ୍ଧାନୀ କୁକୁର ନିୟୋଜିତ ହେବେ । ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟ ପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି । ଏହି ସନ୍ଧାନୀ କୁକୁର ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବେ । ସମ୍ପ୍ରତି ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାରୀଙ୍କ ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପଟେ କାଠ ମାଫିଆ ଜଙ୍ଗଲକୁ କାଟି ସଫା କରିଦେଉଥିବାବେଳେ ଅନ୍ୟପଟେ ଶିକାରୀମାନେ ବନ୍ୟଜନ୍ତୁଙ୍କ ଶିକାର କରି ଶିମିଳିପାଳ ଅଭୟାରଣ୍ୟକୁ ବନ୍ୟଜନ୍ତୁ ଶୂନ୍ୟ ହେବାକୁ ବସିଲାଣି । କିଛି ମାସ ପୂର୍ବରୁ ଶିକାରୀଙ୍କୁ ଧରିବାକୁ ଯାଇ ଶିକାରୀ ଗୁଳିରେ ଦୁଇ ଜଣ ବନ କର୍ମଚାରୀ ସହିଦ ହୋଇଛନ୍ତି । ଏହାପରେ ଶିମିଳିପାଳ ଅଭୟାରଣ୍ୟକୁ ଶିକାରୀ ମୁକ୍ତ କରିବା ଅଭିଯାନ ଆରମ୍ଭ ହୋଇଥିଲା; ଯାହାକୁ ନେଇ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥା କଡାକଡି କରିଯାଇଛି । ଶିକାରୀଙ୍କ ପ୍ରାଦୁର୍ଭାବକୁ ରୋକ ଲଗାଇବା ପାଇଁ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ପୁଲିସ ଓ ବନ ବିଭାଗର ସ୍ୱତନ୍ତ୍ର ମିଳିତ ଟାସ୍କଫୋର୍ସ ଗଠନ କରାଯାଇ ୧୦୦ ଜଣ ସଶସ୍ତ୍ର ପୁଲିସ କର୍ମଚାରୀ ନିୟୋଜିତ ରହିଛନ୍ତି । ଟାସ୍କଫୋର୍ସର ମିଳିତ ଉଦ୍ୟମରେ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ଚଢଉ କରି ବିପୁଳ ପରିମାଣରେ ବନ୍ଧୁକ ଜବତ କରାଯାଇଥିଲା । ତେବେ ଏଥିପରେ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ଶିକାରୀ ଦମନ କରିବା ନିମନ୍ତେ ୪ଟି ସ୍ନାପର ଡଗ ବା ସନ୍ଧାନୀ କୁକୁର ସାମିଲ ହେବାକୁ ଯାଉଛନ୍ତି । ଯେଉଁମାନେ କି ଜଙ୍ଗଲ ମଧ୍ୟରେ ଶିକାର ରୋକିବା ପାଇଁ କାର୍ଯ୍ୟ କରିବେ । ଏଥିସହିତ ମୃତ ବନ୍ୟଜନ୍ତୁଙ୍କ ଅନୁସନ୍ଧାନ ମଧ୍ୟ କରିପାରିବେ ଏହି କୁକୁର । ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ଅଞ୍ଚଳରେ ଥିବା ଗାଁଗୁଡିକରେ ଶିକାରୀ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ରକୁ ଖୋଜିବାରେ ମଧ୍ୟ ବେଶ ସହାୟକ ହେବ ଏ ବ ° ଶିକାରୀମାନଙ୍କ ଗତି ବିଧି ଉପରେ ନଜର ରଖିବେ; ଯାହାକି ଶିମିଳିପାଳ ଅଭୟାରଣ୍ୟକୁ ଶିକାରୀ ମୁକ୍ତ କରିବାର ଏକ ଭୂମିକା ଗ୍ରହଣ କରିପାରିବ । ସେଥିପାଇଁ ଏହି ସନ୍ଧାନୀ କୁକୁରମାନଙ୍କୁ ପରିଚାଳନା ନିମନ୍ତେ ୨ଜଣ ବନ କର୍ମଚାରୀଙ୍କୁ ହରିଆଣାର ପଞ୍ଚକୁଲାରେ ତାଲିମ ଦିଆଯାଉଛି । ଏହି ସନ୍ଧାନୀ କୁକୁର ବନ କର୍ମଚାରୀଙ୍କ ସହିତ ମିଶି ମୁଖ୍ୟତଃ ରାତି ସମୟରେ ଜଙ୍ଗଲ ମଧ୍ୟରେ ପାଟ୍ରୋଲିଂ କରିବାରେ ବେଶ ସହାୟକ ହେବେ ବୋଲି ଡ. ଗୋଗିନାନି କହିଛନ୍ତି । ଅନ୍ୟପଟେ ଶିମିଳିପାଳ ଅଭୟାରଣ୍ୟକୁ ତାଲିମପ୍ରାପ୍ତ ସନ୍ଧାନୀ କୁକୁର ମାଧ୍ୟମରେ ସୁରକ୍ଷା ଦେବା ପାଇଁ ବନ ବିଭାଗ ପକ୍ଷରୁ କରାଯାଉଥିବା ପ୍ରୟାସ ପ୍ରଶଂସନୀୟ ଏବଂ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ପରିବେଶପ୍ରେମୀମାନେ ମତପ୍ରକାଶ କରିଛନ୍ତି । କିନ୍ତୁ ୨୭୫୦ ବର୍ଗ କିମି ପରିବ୍ୟାପ୍ତ ଘଞ୍ଚ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ୪ଟି ସନ୍ଧାନୀ କୁକୁର ଯଥେଷ୍ଟ ନୁହେଁ; ଆଗକୁ ଏହାକୁ ବୃଦ୍ଧି କରିବା ପାଇଁ ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ କରିଛନ୍ତି ।

### ଅଭୟାରଣ୍ୟ ଉପରେ ରଖିବେ ତୀକ୍ଷ୍ଣ ନଜର

## ଗଣଧାରଣା ପାଇଁ ପଟ୍ଟାବିହୀନ ସଂଘର ପ୍ରସ୍ତୁତି

**ବାରିପଦା, ୫ ।୧୨(ସମିସ):** ରଘୁନାଥପୁର ୨୨ ନମ୍ବର ୱାର୍ଡର ମହାନ୍ତ ସାହିରେ ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘର ଏକ ପ୍ରସ୍ତୁତି ବୈଠକ ସଭାପତି ନନ୍ଦକୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୨ ତାରିଖରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ହେବାକୁ ଥିବା ଗଣଧାରଣାକୁ ସଫଳ କରିବା ପାଇଁ ଏହି ବୈଠକ ଆୟୋଜିତ ହୋଇଥିଲା । ଏହି ଗଣଧାରଣାରେ ବହୁସଂଖ୍ୟାରେ ଯୋଗଦେବା ନିମନ୍ତେ ସହମତି ପ୍ରକାଶ ପାଇଛି । ଦାବିଗୁଡିକ ହେଲା ଅସମ୍ପୂର୍ଣ୍ଣ ରହିଥିବା ସର୍ଭେକୁ ଯଥାଶୀଘ୍ର ସମାପ୍ତ କରିବା, ଯେଉଁମାନଙ୍କ ସର୍ଭେ ସରିଛି ତାଙ୍କୁ ଶୀଘ୍ର ଜମି ଅଧିକାର ପ୍ରମାଣ ପତ୍ର ଦିଆଯିବା ଓ ଜଙ୍ଗଲ କିସମକୁ ପରିବର୍ତ୍ତନ କରି ଜମି ଅଧିକାର ପ୍ରମାଣପତ୍ର ଦିଆଯିବ । ବୈଠକରେ ସଂଘର ସାଧାରଣ ସମ୍ପାଦକ କାହ୍ନୁ ବେହେରା, ବରିଷ୍ଠ ସଦସ୍ୟ ଅମଳ ଦେ, ପ୍ରିୟଜିତ୍ ମଦିନା, ବିଦ୍ୟାଧର ମହାପାତ୍ର, ଲକ୍ଷ୍ମୀ ଦେବୀ, ଭାରତୀ ଦାସ, ଗଙ୍ଗାଧର ମହାପାତ୍ର, ରୀନା କୁମାରୀ ସିଂ, ଜହଲା ଶାହା, ଶୋଭା ସିଂ, ବବିତା ଦାସ, ଜଗବନ୍ଧୁ ମହାନ୍ତ, ପ୍ରମିଳା ସାହୁ, ପ୍ରଦୀପ ପଣ୍ଡା ଓ ଝୁନୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

## ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ



**ବାରିପଦା, ୫ ।୧୨(ସମିସ):** ମୟୂରଭଞ୍ଜ କୃଷି ବିଭାଗ ଓ କୃଷି ବିଜ୍ଞାନ ମୟୂରଭଞ୍ଜ-୧, ଶ୍ୟାମାଖୁଣ୍ଟା ମିଳିତ ଅନୁକୂଲ୍ୟରେ ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତରୁଣ କୁମାର ଛୋଟରାୟ, ବରିଷ୍ଠ ବୈଜ୍ଞାନିକ ଡା. ସଂଘମିତ୍ରା ପଟ୍ଟନାୟକ ଡା.ଦୀପକ କୁମାର ମହାନ୍ତି, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ଚିନ୍ତାମଣି ଜେନା, ଜିଲ୍ଲା କୃଷି ଅଧିକାରୀ ଯଶିପୁରର ତପନ କୁମାର ମହାପାତ୍ର, ଉଦଳାର ଜୟନ୍ତ କୁମାର ରାଉତ, ବାଙ୍ଗରିପୋଷିର ହେମନ୍ତ କୁମାର ଜେନା, କରଞ୍ଜିଆର ରାମଚନ୍ଦ୍ର ନାଏକ, କ୍ଷେତ୍ର ପରିଚାଳକ ମାଟ୍ରିକ୍ସ କାଞ୍ଚନ ଏସଏମ ପାତ୍ର, ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ମୃତ୍ତିକା ଏବଂ ଚାଷ କାର୍ଯ୍ୟକୁ ଛାଡି ଦେଲେ ଦୈନନ୍ଦିନ ଜୀବନରେ ଏହାର ପ୍ରକୃତ ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ‘ମୃତ୍ତିକା ଓ ଜଳଜୀବନର ଉତ୍ସ’ ବିଷୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରଥମ ୩ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉପଲକ୍ଷେ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସାରଦା ହାଁସଦା, ସହକାରୀ କୃଷି ନିର୍ଦ୍ଦେଶକ, ମୃତ୍ତିକା ରସାୟନ, କୁମାରୀ ମଧୁସ୍ମିତା ଜେନା, ସହକାରୀ କୃଷି ନିର୍ଦ୍ଦେଶକ, ସୁଧାଂଶୁ ଶେଖର ପଣ୍ଡା, ସହକାରୀ କୃଷି ଅଧିକାରୀ ପରିଚାଳନା କରିଥିଲେ ।

### ପ୍ରଥମାଷ୍ଟମୀରେ ଜ୍ୟେଷ୍ଠଙ୍କ ହେଲା ବନ୍ଦାପନା

## ପାରମ୍ପରିକ ରୀତିରେ ହେଲା ବଡ଼ି ବାହାଘର



**ବାରିପଦା, ୫ ।୧୨(ସମିସ):** ଓଡ଼ିଆ ପରମ୍ପରାରେ ଜ୍ୟେଷ୍ଠଙ୍କୁ ସମ୍ମାନ ଦିନ ଅଟେ ପ୍ରଥମାଷ୍ଟମୀ । ଯାହାକୁ ନେଇ ଘର ବ? ପୁଅ/ଝିଅଙ୍କୁ ସମ୍ମାନ ଦେବା ନେଇ ପ୍ରଥମାଷ୍ଟମୀ ପାଳନ ହୋଇଥାଏ । ମାର୍ଗଶିର ମାସର କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଓଡ଼ିଆଙ୍କ ଏହି ପ୍ରମୁଖ ପର୍ବ ପାଳିତ ହୋଇଥାଏ । ଏହି ଅବସରରେ ବାରିପଦା ସହରର ପ୍ରତିଟି ଘରେ ମଙ୍ଗଳବାର ଜ୍ୟେଷ୍ଠ ସନ୍ତାନର ଦୀର୍ଘଜୀବନ କାମନା କରି ଷଷ୍ଠୀ ଦେବୀଙ୍କ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧନା କରାଯାଇଛି । ପ୍ରଥମାଷ୍ଟମୀରେ ସକାଳୁ ସକାଳୁ ତୁଳସୀ ଚୌରା ମୂଳେ ବିଭିନ୍ନ ଭୋଗ ରାଗ, ହଳଦୀ ପିଠା ଆଦି ନୈବେଦ୍ୟ ଲାଗି କରାଯାଇଥିଲା । ପରେ ଘରର ଜ୍ୟେଷ୍ଠ ସନ୍ତାନକୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ଦୁଇ କାନରେ ଫୁଲ ଓ ମୁଣ୍ଡରେ ଚନ୍ଦନ ଲଗାଇ ଦୂବ, ବରକୋଳି ପତ୍ର ଓ ହଳଦୀମିଶା ଚାଉଳ ମିଶାଇ ସେଥିରେ ମା’ମାନେ ବନ୍ଦାପନା କରିଥିଲେ । ବନ୍ଦାପନା ପରେ ଜ୍ୟେଷ୍ଠ ସନ୍ତାନ, ଷଠୀ ଦେବୀଙ୍କୁ ମୁଣ୍ଡିଆ ମାରିବା ସହିତ ପିତାମାତା ଓ ଗୁରୁଜନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରନ୍ତି । ପରିବାରର ଜ୍ୟେଷ୍ଠ ପୁତ୍ର ବା ଜ୍ୟେଷ୍ଠା କନ୍ୟାର ନବ ବସ୍ତ୍ର ପରିଧାନ ଓ ବନ୍ଦାପନା ହେବାର ଏହି ବିଶେଷ ବିଧିକୁ ପଢୁଆଁ କହିଥାନ୍ତି । ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ନୂତନ ବସ୍ତ୍ର ମାମୁଁଘରୁ ଆସିଥାଏ । ମାମୁଁ ମାନେ ନୂଆଲୁଗା, ମିଷ୍ଟାନ୍ନ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଭଉଣୀ ଘରକୁ ଯାଇ ଭଣଜା ଭାଣିଜୀକୁ ପଢୁଆଁ କରିଥାନ୍ତି । ଏଥି ସହିତ ହଳଦୀ ପତ୍ରରେ ଏଣ୍ଡୁରି ପିଠା ପ୍ରସ୍ତୁତ କରାଯାଇଥାଏ; ଯାହାକୁ କି ବଡ଼ ସନ୍ତାନ ସମେତ ଅନ୍ୟ ସମସ୍ତେ ଖାଇଥାନ୍ତି । ତେବେ ଆଜିର ଦିବସରେ ଅନ୍ୟ ଏକ ମାହାତ୍ମ୍ୟ ରହିଛି; ଯାହାକି ପ୍ରତି ଓଡ଼ିଆ ଘରେ ବଡି ବାହାଘର କୁହାଯାଇଥାଏ । ନୂତନ ଭାବେ ଉତ୍ପାଦନ ହୋଇଥିବା ବିରିରେ ଆଣ ପ୍ରସ୍ତୁତ କରି ଏହି ବଡି ପକାଇଥିଲେ । ଏହା ପରେ ଓଡ଼ିଆ ଘରର ପାରମ୍ପରିକ ରୀତିନୀତି ଅନୁଯାୟୀ ଦୁବଘାସ, ବରକୋଳି ପତ୍ର, ଫୁଲ ଦେଇ ବଡି ବାହାଘର ଅନୁଷ୍ଠିତ ହୋଇଥାଏ । ବଡି ବାହାଘର ହେବା ପରେ ନୂତନ ବିରିର ବଡି ସମସ୍ତେ ଭକ୍ଷଣ କରିଥାନ୍ତି ବୋଲି ପରମ୍ପରା ରହିଛି ।

## ନୂତନ ପ୍ରଫେସନାଲ କୋର୍ସ ଖୋଲିବାକୁ ଚଳିତ ମାସ ସୁଦ୍ଧା ଅନୁମତିପତ୍ର ଦେବାକୁ ଦାବି

**ବାରିପଦା, ୫ ।୧୨(ସମିସ):** ନୂତନ ଆଇନ ମହାବିଦ୍ୟାଳୟ ବା ଅନ୍ୟାନ୍ୟ ବିଷୟ ଖୋଲିବାକୁ ହେଲେ ନଭେମ୍ବର ୩୦ ତାରିଖ ସୁଦ୍ଧା ମହାବିଦ୍ୟାଳୟଗୁଡିକ ଉଚ୍ଚଶିକ୍ଷା ବିଭାଗକୁ ଅନଲାଇନରେ ଆବେଦନ କରିଥାନ୍ତି । ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଦ୍ୱାରା ସମୀକ୍ଷା ବା ଯାଞ୍ଚ କରାଯାଇ ସମସ୍ତ ଆବେଦନକୁ ଉଚ୍ଚସମ୍ପନ୍ନ କମିଟିରେ ବିଚାର କରାଯାଇଥାଏ । ପରେ ଯୋଗ୍ୟ ଆବେଦନକୁ ବିଚାରକୁ ନେଇ ଅନୁମତିପତ୍ର ଶିକ୍ଷାନୁଷ୍ଠାନଗୁଡିକୁ ପ୍ରଦାନ କରାଯାଇଥାଏ । ଶିକ୍ଷାନୁଷ୍ଠାନଗୁଡିକ ଅନୁମତି ପାଇବା ପରେ ବିଶ୍ୱବିଦ୍ୟାଳୟକୁ ଅନୁବନ୍ଧନ ନିମନ୍ତେ ଆବେଦନ କରନ୍ତି; କିନ୍ତୁ ଆଇନ ମହାବିଦ୍ୟାଳୟ କ୍ଷେତ୍ରରେ ନିୟମ ଅଲଗା । ଅନୁବନ୍ଧିତ ବା ନୂତନ ଛାତ୍ରଛାତ୍ରୀ ନାମଲେଖା ପୂର୍ବରୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ବାର କାଉନସିଲ ଅଫ ଇଣ୍ଡିଆର ଅନୁମତି ନେବାକୁ ପଡ଼ିଥାଏ । ବାର କାଉନସିଲର ନିୟମ ଅନୁସାରେ ଶିକ୍ଷାନୁଷ୍ଠାନଗୁଡିକ ନଭେମ୍ବର ଓ ଡିସେମ୍ବର ମାସରେ ଅନୁମୋଦନ ନିମନ୍ତେ ଆବେଦନ କରିପାରିବେ; ହେଲେ ରାଜ୍ୟ ସରକାର ମାର୍ଚ୍ଚ ମାସ ପରେ ଅନୁମତି ପ୍ରଦାନ କରୁଥିବାରୁ ଆଇନ ମହାବିଦ୍ୟାଳୟଗୁଡିକ ବାର କାଉନସିଲ ଅଫ ଇଣ୍ଡିଆକୁ ଆବେଦନ କରି ନ ପାରି ଛାତ୍ରଛାତ୍ରୀ ନାମଲେଖା କରିପାରୁନାହାନ୍ତି । ଫଳରେ ରାଜ୍ୟ ସରକାରଙ୍କ ଅନୁମତି ମୂଲ୍ୟହୀନ ହୋଇଯାଉଛି । ଯଦି କୌଣସି ଶିକ୍ଷାନୁଷ୍ଠାନ ରାଜ୍ୟ ସରକାରଙ୍କ ଅନୁମତି ଅନୁସାରେ ଆଡମିସନ ନେଇଯାଉଛନ୍ତି, ସମ୍ପୃକ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ପରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ମୋଟା ଅଙ୍କର ଜରିମାନା ବାର କାଉନସିଲ ଅଫ ଇଣ୍ଡିଆକୁ ଦେବାକୁ ପଡୁଛି । ତେଣୁ ରାଜ୍ୟ ସରକାର ଉଚ୍ଚଶିକ୍ଷା ବିଭାଗ, ଶାସନ ସଚିବ ଡିସେମ୍ବର ମାସ ମଧ୍ୟରେ ପ୍ରଫେସନାଲ କଲେଜଗୁଡିକୁ ଅନୁମତି ପ୍ରଦାନ କଲେ ଆଇନ ମହାବିଦ୍ୟାଳୟଗୁଡିକ ଉପକୃତ ହୋଇପାରନ୍ତେ; ନଚେତ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ, କେନ୍ଦ୍ର ଆଇନ ମନ୍ତ୍ରାଳୟ ଓ ବାର କାଉନସିଲ ଅଫ ଇଣ୍ଡିଆ ସହିତ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ବାରିପଦାର ପୂର୍ବତନ ବିଧାୟକ ତଥା ଆଇନଜୀବି କିଶୋର ଦାଶ ଦାବି କରିଛନ୍ତି ।

### ପ୍ରାକୃତିକ ସବୁଜିମାରେ ପରିପୂର୍ଣ୍ଣ ସୀତାକୁଣ୍ଡ ଜଳପ୍ରପାତ

# ପର୍ଯ୍ୟଟକଙ୍କୁ ବିଭୋର କରେ ଝରଣାର କୁଳୁକୁଳୁ ନାଦ

**ବାରିପଦା, ୫।୧୨(ସମିସ)**



ପ୍ରାକୃତିକ ପରିବେଶ ଭରା ନୈସର୍ଗିକ ସୌନ୍ଦର୍ଯ୍ୟରେ ବିମଣ୍ଡିତ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ । ଶିମିଳିପାଳର ଭିତର ଓ ଚତୁଃପାର୍ଶ୍ୱରେ ରହିଛି ଅନେକ ପର୍ଯ୍ୟଟନସ୍ଥଳ । ଜିଲ୍ଲାରେ ପର୍ଯ୍ୟଟନସ୍ଥଳ ମାନ୍ୟତା ପାଇଥିବା ୧୯ଟି ସ୍ଥାନ ମଧ୍ୟରୁ ସୀତାକୁଣ୍ଡ ଜଳପ୍ରପାତ ଅନ୍ୟତମ । ଶିମିଳିପାଳ କୋର ଅଞ୍ଚଳ ବହାରେ ଥିବା ସୀତାକୁଣ୍ଡ ଜଳପ୍ରପାତ ବିନା ସରକାରୀ କଟକଣାରେ ପର୍ଯ୍ୟଟକଙ୍କ ଭ୍ରମଣ ଓ ବଣଭୋଜି ସୁବିଧା ଥିବାରୁ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହେ । ରବିବାର ବହୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି । ତେବେ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ଆବଶ୍ୟକ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି । ବାରିପଦା-ଲୁଲୁଙ୍ଗ ରାସ୍ତାର ପିଠାବଟା ପ୍ରବେଶ ଫାଟକ ପୂର୍ବରୁ ଡାହାଣକୁ ୨କିମି ଗଲେ ଏହି ଜଳପ୍ରପାତ ପଡେ । ଶାମାଖୁଣ୍ଟା ବ୍ଲକ ଲୁଲୁଙ୍ଗ ପଞ୍ଚାୟତରେ ରହିଛି ଏହି ଜଳପ୍ରପାତ । ପ୍ରାକୃତିକ ସବୁଜିମାରେ ପରିପୂର୍ଣ୍ଣ ତଥା ବଣ ପାହାଡ ଘେରା ଝରଣାର କୁଳୁ କୁଳୁ ନାଦ ପରିବେଶ ପର୍ଯ୍ୟଟକଙ୍କୁ ବିଭୋର କରିଥାଏ । ୫୦ଫୁଟ ଉଚ୍ଚରୁ ଝରୁଥିବା ପାଣିରେ ସୂର୍ଯ୍ୟଙ୍କ ସୁନେଲୀ କିରଣ କୁଣ୍ଡ ଉପରେ ପଡ଼ି ଝଲମଲ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଏହି ମନୋରମ ଦୃଶ୍ୟକୁ ଉପଭୋଗ କରିବା ପାଇଁ ବର୍ଷଯାକ ଏଠାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥାଏ । ବଣଭୋଜି ପାଇଁ ସୀତାକୁଣ୍ଡ ଏକ ପ୍ରକୃଷ୍ଟ ସ୍ଥାନ ରୂପେ ପରିଚିତ । ଶୀତର ପ୍ରକୋପ ବୃଦ୍ଧି ପାଇଲେ ବଣଭୋଜି କରିବାକୁ ଲୋକଙ୍କ ଭିଡ ଜମିଥାଏ । ଏଠାକୁ ଆସୁଥିବା ଲୋକମାନେ ସୀତାକୁଣ୍ଡରେ ଗାଧୋଇବା ସହ ସେଲଫି ଫଟୋ ଉଠାଇଥାନ୍ତି । ଏହି ପାଣି ବୋହିଯାଇ ମୁନିଦର ସ୍ଥିତ ପଳପଳା ନଦୀରେ ମିଶିବା ପରେ ପଳପଳା ନଦୀର ପାଣି ବୁଢାବଳଙ୍ଗ ନଦୀରେ ମିଶୁଛି ।

ସୀତାକୁଣ୍ଡ ସମ୍ପର୍କରେ ଅନେକ ଜନଶ୍ରୁତି ରହିଛି । ଝରଣା ପାଣି ସାତଟି କୁଣ୍ଡଦେଇ ପ୍ରବାହିତ ହେଉଥିବା ତଥା ସୀତା ବନବାସ ସମୟରେ ଏହି କୁଣ୍ଡରେ ଗାଧୋଇବା ଯୋଗୁଁ ଏହି ସ୍ଥାନର ନାମକରଣ ସୀତାକୁଣ୍ଡ ହୋଇଥିବା ଲୋକକଥା ରହିଛି । ସେହିପରି ସୀତାକୁଣ୍ଡ ନିକଟ ପଥର କରୋଡ଼ରେ ହନୁମାନଙ୍କ ମୂର୍ତ୍ତି ବହୁ ପୁରାତନ କାଳରୁ ପୂଜା ପାଇଆସୁଛି । ଏହାକୁ ଦେଖିବା ଓ ପୂଜା କରିବା ପାଇଁ ଶ୍ରଦ୍ଧାଳୁମାନେ ଆସିବା ସହିତ ପ୍ରକୃତିର ଅପରୂପ ଶୋଭାକୁ ଅତି ନିକଟରୁ ଦେଖିଥାନ୍ତି । ବାରିପଦାରୁ ୨୦କିମି ଦୂର ଏହି ସ୍ଥାନକୁ ଯିବା ପାଇଁ ଭଡାଗାଡିର ସୁବିଧା ରହିଛି । ଶିମିଳିପାଳ ପର୍ଯ୍ୟଟକଙ୍କ ନିର୍ଦ୍ଦିଷ୍ଟ ମାସ ପାଇଁ ଖୋଲା ରହିଥାଏ । ମାତ୍ର ସୀତାକୁଣ୍ଡକୁ ପର୍ଯ୍ୟଟକ ବର୍ଷର ଯେକୌଣସି ଦିନ ଆସିପାରିବେ । ଶିମିଳିପାଳ ଭିତରକୁ ଯାଉଥିବା ପର୍ଯ୍ୟଟକ ସୀତାକୁଣ୍ଡ ବୁଲି ଶିମିଳିପାଳକୁ ପ୍ରବେଶ କରିଥାନ୍ତି । ସଞ୍ଜ ନଇଁଲେ ବନ୍ୟଜନ୍ତୁ ପାଣିପିଇବାକୁ ଏହି କୁଣ୍ଡକୁ ଆସିଥାନ୍ତି । ଏମାନଙ୍କୁ ଦେଖିବା ପାଇଁ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ଫଳରେ ସନ୍ଧ୍ୟା ହେବା ପୂର୍ବରୁ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ପୁଣି ବାରିପଦାକୁ ଫେରିଆସନ୍ତି । ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିଲେ ମଧ୍ୟ ପାରିପାର୍ଶ୍ୱିକ ଉନ୍ନତି ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଗ୍ରାମର ଯୁବକଙ୍କୁ ନେଇ ଏକ ସୀତାକୁଣ୍ଡ ଉନ୍ନୟନ କମିଟି ଗଠିତ ହୋଇଛି । କମିଟିର ସଦସ୍ୟ ଗାଡି ପାର୍କିଂଠାରୁ ଆରମ୍ଭ କରି ବଣଭୋଜି ସ୍ଥାନ ସଫେଇ କରିଥାନ୍ତି । ବହୁ ଦିନ ପୂର୍ବରୁ ସୀତାକୁଣ୍ଡରେ ନିର୍ମିତ ବନବିଭାଗର ଗୃହ ସବୁ ମାଟିରେ ମିଶିବାକୁ ବସିଲାଣି । ଏହି ସ୍ଥାନରେ ପଞ୍ଚାୟତ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯିବା ସହିତ ବନବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ ଓ ଜଳଛାୟା ପ୍ରକଳ୍ପ ପକ୍ଷରୁ ଝରଣା ପାଣି ସ୍ରୋତରୁ ରକ୍ଷା ଦେବା ପାଇଁ ଚେକଡ୍ୟାମ ଓ ଗାର୍ଡ଼ୱାଲ ଗୁଡିକ ମରାମତି କରି ପର୍ଯ୍ୟଟନ ସ୍ଥଳୀର ବିକାଶ କରାଗଲେ ଅଞ୍ଚଳବାସୀଙ୍କ ସମେତ ଜିଲ୍ଲାବାସୀ ବେଶ ଉପକୃତ ହେବେ ବୋଲି ପର୍ଯ୍ୟଟକମାନେ ପ୍ରକାଶ କରିଛନ୍ତି । ସେହିପରି ସୁରକ୍ଷା ଦୃଷ୍ଟିରୁ ଜଳପ୍ରପାତ ତଳ କୁଣ୍ଡକୁ ପର୍ଯ୍ୟଟକଙ୍କୁ ବାରଣ ପାଇଁ ଦାବି ହେଉଛି । କାରଣ ବିଭିନ୍ନ ସମୟରେ ଏଠାରେ ପର୍ଯ୍ୟଟକ ମୃତ୍ୟୁମୁଖରେ ପଡୁଛନ୍ତି ।




### ଜଗଦ୍ଧାତ୍ରୀ ମେଳାର ୧୦ମ ସନ୍ଧ୍ୟା

## ମନମୋହିଲା ଆବୁ ସାଲେହଙ୍କ ଷ୍ଟଣ୍ଟ

**ବାରିପଦା, ୫ ।୧୨(ସମିସ):** ଭଞ୍ଜପୁରଠାରେ ଚାଲିଥିବା ମା’ ଜଗଦ୍ଧାତ୍ରୀଙ୍କ ପୂଜା ଅବସରରେ ଆୟୋଜିତ ମେଳାର ନବମ ସନ୍ଧ୍ୟାରେ ଦକ୍ଷିଣସାହି ଛଉନୃତ୍ୟ ପରିବାରର ଏମ. ସାଇଜ୍ୟୋତି ଓ ଏମ. ସାଇପ୍ରୀତିଙ୍କ ଛଉନୃତ୍ୟ ଦଣ୍ଡି ତଥା ସମବେତ ନୃତ୍ୟ ଗରୁଡ଼ ବାହାନରେ ଦୁଲୁକିଥିଲା ମଞ୍ଚ । ପରେ ପରମେଶ୍ୱର ଡ୍ୟାନ୍ସ ଏକାଡେମୀ ତାଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଇଣ୍ଡିଆସ ଗଟ ଟ୍ୟାଲେଣ୍ଟର ଫାଇନାଲିଷ୍ଟ ତଥା ଏଣ୍ଟର୍ଟେନମେଣ୍ଟ କେଲିଏ କୁଛ ଭି କରେଗାର ଚାମ୍ପିଅନ ଆବୁ ସାଲେହଙ୍କ ଷ୍ଟଣ୍ଟ ସମସ୍ତଙ୍କୁ ସ୍ତବ୍ଧ କରିଥିଲା । ଏହି ଅବସରରେ ପୂଜା କମିଟି ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଆବୁ ସାଲେହଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ଶେଷରେ ବ୍ରହ୍ମପୁରର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ନୃତ୍ୟ ମଧ୍ୟ ସମସ୍ତଙ୍କୁ ସ୍ତବ୍ଧ ମନ୍ତ୍ରମୁଗ୍ଧ କରିଥିଲା । ପରେ ମନ୍ତ୍ରୀ ଶ୍ରୀ ମାରାଣ୍ଡି ପ୍ରିନ୍ସ ଡ୍ୟାନ୍ସ ଗ୍ରୁପକୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ସୋମନାଥ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ମଙ୍ଗଳବାର ୧୦ମ ସନ୍ଧ୍ୟାରେ ଇନ୍ସପାୟା ଡ୍ୟାନ୍ସ ଗ୍ରୁପ କାର୍ଯ୍ୟକ୍ରମ ସହିତ ଓଲିଉଡ଼ ନାଇଟର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଓଲିଉଡ଼ ନାଇଟରେ ଇଣ୍ଡିଆନ ଆଇଡଲର ପ୍ରତିଯୋଗୀ ସତ୍ୟଜିତ ଜେନାଙ୍କ ସଙ୍ଗୀତରେ ଦର୍ଶକ ଆନନ୍ଦ ଉଠାଉଛନ୍ତି । ଆସନ୍ତା ୭ତାରିଖରେ ମେଳା ଉଦ୍ଯାପିତ ହେବ ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଓ ପ୍ରୀତମ ପଣ୍ଡା ଜଣାଇଛନ୍ତି ।




## କାର୍-ବାଇକ୍ ଧକ୍କା; ଯୁବକ ମୃତ

**ରାଇରଙ୍ଗପୁର, ୫ ।୧୨(ସମିସ):** ବିଶୋଇ ଥାନା ଅଞ୍ଚଳ ଖଡମବେଡା ଗାଁ ନିକଟ ମୁଖ୍ୟ ମାର୍ଗରେ ସୋମବାର ଅପରାହ୍ନରେ ଏକ ବାଇକ ଓ କାର ମଧ୍ୟରେ ଧକ୍କା ହେବାରୁ ଜଣକର ମୃତ୍ୟୁ ଘଟିବା ସହିତ ଅନ୍ୟ ଜଣେ ଗୁରୁତର ହୋଇଥିବା ସୂଚନା ମିଳିଛି । ପ୍ରଥମେ ଦୁଇ ଯୁବକଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଯଶିପୁର ଥାନା ଅଞ୍ଚଳ ଧୋବାଡ଼ିହା ଗାଁର ଜ୍ଞାନବିଷ୍ଣୁ ଦାସ(୧୯)ଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଅନ୍ୟ ଜଣେ ଯୁବକ ସେହି ଗାଁର ସୁନୀଲ ମାଝୀ(୧୬)ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି । ପରେ ବିଶୋଇ ଥାନା ପୁଲିସ ମୃତଦେହକୁ ଜବତ କରି ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗକୁ ହସ୍ତାନ୍ତର କରିଛି । ପୁଲିସ ଏକ ମାମଲା ରୁଜୁ କରିଛି ।

With Best Compliments From
Gadre Marine Export Pvt. Ltd.
Tundara, Balasore
GADRÉ

### ଖଣି ଅଞ୍ଚଳରେ ଟ୍ରାଫିକ୍ ନିୟନ୍ତ୍ରଣ ବିପର୍ଯ୍ୟସ୍ତ

# ରାଜପଥ କଡ଼ରେ ଭାରୀଯାନ ପାର୍କିଂ ସାଜିଛି ଘାତକ

ଯୋଡ଼ା, ୫।୧୨(ସମିସ)



କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ଟ୍ରାଫିକ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜାତୀୟ ରାଜପଥ କଡ଼ରେ ବେଆଇନ ଭାବେ ଭାରୀଯାନ ପାର୍କିଂ ଘାତକ ସାଜିଛି। ବେପରୁଆ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚାଳନା ଏବଂ ବିନା ଲାଇସେନ୍ସରେ ଭାରୀଯାନ ଚାଳନା ଉପରେ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗାଯାଇପାରିନାହିଁ। ଏହା ସହିତ ତ୍ରୁଟିପୂର୍ଣ୍ଣ ରାଜପଥ ନିର୍ମାଣ ଅନ୍ୟ ଏକ ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ରାସ୍ତା କଡ଼ରେ ଅଚଳ ଭାରୀଯାନ ଗୁଡିକୁ ହଟାଇବା ପାଇଁ ରାଜପଥ ପ୍ରାଧିକରଣଙ୍କ ପକ୍ଷରୁ କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଜାତୀୟ ରାଜପଥ ପ୍ରାଧିକରଣ, ପୁଲିସ ବିଭାଗ ଓ ପରିବହନ ବିଭାଗ ମଧ୍ୟ ଏ ନେଇ ନିୟମିତ ପାଟ୍ରୋଲିଂ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ବରଂ କୌଣସି ସ୍ଥାନରେ ଦୁର୍ଘଟଣା ଘଟି ପ୍ରାଣହାନୀ ଘଟିଲେ ଏହାକୁ ରୋକିବା ପାଇଁ ସ୍ଥାନୀୟ ଅଧିବାସୀମାନଙ୍କ ଦ୍ୱାରା ହେଉଥିବା ଆନ୍ଦୋଳନକୁ ପ୍ରଶାସନ ପକ୍ଷରୁ ଚାପ ପ୍ରୟୋଗ କରି ବନ୍ଦ କରିଦିଆଯାଇଥାଏ। ଏପରିକି ଆନ୍ଦୋଳନକାରୀଙ୍କ ନାମରେ ରାସ୍ତା ଅବରୋଧ ନେଇ ମାମଲା ମଧ୍ୟ ରୁଜୁ କରାଯାଇଥିବା ଅନେକ ନଜିର ରହିଛି।

୫୨୦ନଂ ଜାତୀୟ ରାଜପଥର ଲହଣ୍ଡା ନିକଟ ରେଲୱେ ବ୍ରିଜ ନିକଟରେ ୪ ଥାକିଆ ରାଜପଥକୁ ଏକ ଥାକିଆ ଅଣ୍ଡରପାସ କରାଯାଇ କାମ ଚଳା ବ୍ୟବସ୍ଥା କରାଯାଇଛି। ଫଳରେ ଘଣ୍ଟା ଘଣ୍ଟା ଧରି ଭାରୀଯାନ ଗୁଡିକ ଏହି ରେଳ ବ୍ରିଜର ଉଭୟ ପାର୍ଶ୍ୱରେ ଅଟକି ରହିବାକୁ ବାଧ ହେଉଛନ୍ତି। ଖଣି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୧୫ଟି ସ୍ଥାନକୁ ଦୁର୍ଘଟଣା ପ୍ରବଣ (ବ୍ଲାକ୍ ସ୍ପଟ) ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିବା ବେଳେ ଉକ୍ତ ସ୍ଥାନ ଗୁଡିକରେ କୌଣସି ପ୍ରକାରର ସୁରକ୍ଷା କଡାକଡି କରାଯାଉନଥିବା ଦେଖାଯାଇଛି। ଏହି ଦୁର୍ଘଟଣା ଏବଂ ଟ୍ରାଫିକ ଜାମକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଡ଼ବିଲ ପୁଲିସ ସବ୍‌ଡିଭିଜନରେ ଗତ ୨୦୧୧ ଜାନୁଆରୀ ୧୬ ତାରିଖରେ ସ୍ପେଶାଲ ଟ୍ରାଫିକ ୟୁନିଟ୍‌ର ଶୁଭାରମ୍ଭ କରାଯାଇଥିଲା। ଏହାକୁ ତତ୍କାଳୀନ ପଶ୍ଚିମାଞ୍ଚଳ ଆଇଜି କବିତା ଜଲାନ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏଥିରେ ୬ଜଣ ଅଫିସର, ୬ଜଣ ହାବିଲଦାର ଓ ୨୦ଜଣ କନଷ୍ଟେବଲ ସ୍ୱତନ୍ତ୍ର ଟ୍ରାଫିକ ୟୁନିଟ୍‌ରେ ରହିବେ ବୋଲି ପ୍ରାବଧାନ ରହିଥିଲା। ଏହାକୁ ସ୍ୱତନ୍ତ୍ର ପିସିଆର ଭ୍ୟାନ ଏବଂ ବାଇକ ଯୋଗେ ନିୟନ୍ତ୍ରଣ କରାଯିବ ବୋଲି ଘୋଷଣା କରାଯାଇଥିଲା। ଯୋଡ଼ା ଡିଏଭି ଛକ ଓ ଭଦ୍ରାସାହି ଛକରେ ୨ଟି କଣ୍ଟ୍ରୋଲ ରୁମ ସ୍ଥାପନ କରାଯାଇ ବଡବିଲ ଥାନାରେ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲରୁମ ମନିଟରିଂ ପାଇଁ ବ୍ୟବସ୍ଥା ମଧ୍ୟ ହୋଇଥିଲା। ଟ୍ରାଫିକ ସମ୍ବନ୍ଧୀୟ ସୂଚନା ଦେବା ପାଇଁ ଜନସାଧାରଣଙ୍କ ନିମନ୍ତେ ୨ଟି ଫୋନ ନମ୍ବର ଜାରି କରାଯାଇଥିଲା। ଏହି ସ୍ୱତନ୍ତ୍ର ଟ୍ରାଫିକ ୟୁନିଟ୍ ବଡ଼ବିଲ ପୁଲିସ ସବ୍‌ଡିଭିଜନ ଅଣ୍ଡରରେ ଆସୁଥିବା ବଡ଼ବିଲ, ଯୋଡ଼ା, ବାମେବାରୀ, ରୁଗୁଡ଼ି ଓ ବଲାଣୀ ଭଳି ୫ଟି ଥାନା ଅଞ୍ଚଳରେ ଉପୁଜୁଥିବା ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା କରାଯାଇଥିଲା। ଯାହା କେବଳ କାଗଜକଲମରେ ସୀମିତ ରହିବା ସହ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ଦେଖିବାକୁ ମିଳିଛି। ଆଞ୍ଚଳିକ ପରିବହନ ଅଧିକାରୀ ଏସବୁ ଉପରେ ନଜର ନଦେଇ ଜଙ୍ଗଲିଆ ନିକାଞ୍ଚନ ଜାଗା ଦେଖି କ୍ୟାମେରା ଲଗାଇ ଗାଡିକୁ ଠିଆ କରି କେବଳ ଅର୍ଥ ଆଦାୟରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି। ସେହିପରି ରାଜସ୍ୱ ନିଶାରେ ଜିଲ୍ଲା ପ୍ରଶାସନ ଖଣି ଅଞ୍ଚଳବାସୀଙ୍କ ଜୀବନକୁ ଗୌଣ ମନେକରି ବାହାର ରାଜ୍ୟର ବଡ଼ବଡ଼ ଟ୍ରେଲର ସାହାଯ୍ୟରେ ଖଣି ଅଞ୍ଚଳରୁ ଖଣିଜ ସମ୍ପଦ ପରିବହନ କରି ରାଜସ୍ୱ ଆଦାୟରେ ବ୍ୟସ୍ତ ରହୁଥିବା ଜଣାପଡ଼ିଛି। ତେବେ ବିଭିନ୍ନ ସମୟରେ ଏହି ଦୁର୍ଘଟଣାକୁ ନେଇ ଆନ୍ଦୋଳନ ହେଲେ ପ୍ରଶାସନ କିଛି ଦିନ ପାଇଁ ସକ୍ରିୟ ହୋଇଉଠିଥାଏ। ଗତ ମେ' ମାସରେ କେନ୍ଦୁଝର ଓ ବଡ଼ବିଲ ସହରରେ ଟ୍ରାଫିକ ବ୍ୟବସ୍ଥା ସୁଧାର ଆଣିବା ପାଇଁ ୨ଟି ଟ୍ରାଫିକ ପୁଲିସ ଷ୍ଟେସନ ନେଇ ଘୋଷଣା କରିଥିଲେ। ସେଥିପାଇଁ ୨୪ଟି ନୂଆ ପଦବୀ ମଧ୍ୟ ମଞ୍ଜୁର କରାଯାଇଥିଲା। ଏହି ୨୪ଟି ପଦବୀ ମଧ୍ୟରେ ୨ଜଣ ଇନିସ୍‌ପେକ୍ଟର, ୬ଟି ଆସିଷ୍ଟାଣ୍ଟ ସବଇନିସପେକ୍ଟର ଓ ୧୬ଜଣ କନେଷ୍ଟବଳ ପଦବୀ ରହିଥିବା ସୂଚନା ଦିଆଯାଇଥିଲା। ହେଲେ ଏହା ଆଜି ପର୍ଯ୍ୟନ୍ତ ଠିକ୍ଭା ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ, ଆଗାମୀ ଦିନରେ ଦୁର୍ଘଟଣାକୁ ରୋକାଯାଇନପାରିଲେ ଆଗକୁ ଅନେକ ନିରୀହ ଜନଜୀବନ ନଷ୍ଟ ହେବାର ସମ୍ଭାବନା ରହୁଛି।

## ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ମହିଳା



**ତେଲକୋଇ, ୫।୧୨(ସମିସ):** ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହୋଇଛନ୍ତି ଜଣେ ୫୩ ବର୍ଷୀୟା ଅବିବାହିତା ମହିଳା। ସ୍ତନ କର୍କଟରେ ପୀଡ଼ିତା ଏହି ମହିଳା ଅର୍ଥାଭାବରୁ ଘର ବାରଣ୍ଡାରେ ପଡ଼ି ରହିଛନ୍ତି। କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ଅନ୍ତର୍ଗତ କରଦାଙ୍ଗି ପଞ୍ଚାୟତର ସାମନାଳୀ ସାହିରୁ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଏହି ଗ୍ରାମର ସରସ୍ୱତୀ ମହାନ୍ତ (୫୩) ସ୍ତନ କର୍କଟ ରୋଗରେ ପୀଡ଼ିତ ହୋଇଛନ୍ତି। ସମସ୍ତ ସମ୍ବଳ ଖର୍ଚ୍ଚ କରି ସେ ଚିକିତ୍ସା କରିବା ପରେ ଏବେ ଜଣକ ବାରଣ୍ଡାରେ ପଡ଼ି ରହିଛନ୍ତି। ସେ ପୁରୀରେ ଜଣେ ବ୍ୟକ୍ତିଙ୍କ ଘରେ ରହି ୮ ବର୍ଷ କାମ କରିବା ପରେ ତାଙ୍କ ଶରୀର ଅସୁସ୍ଥ ହେବାରୁ ପୁଣି ଘରକୁ ଫେରିଆସିଥିଲେ। ତେବେ ଅସୁସ୍ଥ ହୋଇ ଘରକୁ ଫେରିବା ପରେ ତାଙ୍କ ପରିବାର ଲୋକ ତାଙ୍କ ଦାୟିତ୍ୱ ନେବାକୁ ମନା କରିଦେଇଥିଲେ। ଏପରିକି ତାଙ୍କ ନାମରେ ଥିବା ପ୍ରଧାନମନ୍ତ୍ରୀ ଆବାସ ଘରେ ମଧ୍ୟ ତାଙ୍କୁ ରହିବାକୁ ଦିଆଯାଉନାହିଁ। ଏଭଳି ପରିସ୍ଥିତିରେ ସେ ଜଣେ ଭାଇଙ୍କ ମାଟି କୁଡିଆର ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ସେହି ଭାଇଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ ରହିଥିବା ବେଳେ ନିଜର ସମସ୍ତ ସମ୍ବଳ ଖର୍ଚ୍ଚ କରି ଚିକିତ୍ସା କରିଛନ୍ତି। କୌଣସି ସରକାରୀ କିମ୍ବା ସ୍ୱେଚ୍ଛାସେବୀ ସଙ୍ଗଠନର ସାହାଯ୍ୟ ମିଳିଲେ ତାଙ୍କ ଜୀବନ ବଞ୍ଚିପାରନ୍ତା ବୋଲି ତାଙ୍କ ଭାଉଜ ଦମୟନ୍ତୀ ମହାନ୍ତ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଦମୟନ୍ତୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଏନେଇ ନିବେଦନ କରିଥିବା ସୂଚନା ରହିଛି। ତାଙ୍କୁ ସରକାରୀ ସହଯୋଗ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଓଲଟିଲା ଅଟୋ; ୨ ଆହତ

**ପାଟଣା, ୫।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ମଲିପଶି ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଅଟୋରେ ଥିବା ଜଣେ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଆହତ ଦୁଇଜଣ କୁଆଖିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ କୁଆଖିଆରୁ କରଞ୍ଜିଆ ପ୍ଲାଷ୍ଟିକ ସାମଗ୍ରୀ ପହଞ୍ଚାଇ ଫେରୁଥିବା ସମୟରେ ଅଟୋଟି ମଲିପଶି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ତେବେ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଟ୍ରକ୍ ପଛକୁ ଧକ୍କା ଦେଲା ଟ୍ରକ୍

**ତୁରୁମୁଙ୍ଗା, ୫।୧୨(ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଚିଲିଦା ନିକଟରେ ଦୁର୍ଘଟଣା। ମଙ୍ଗଳବାର ଭୋରରୁ ଟ୍ରକ୍ ପଛ ପଟରେ ଆଉ ଏକ ଟ୍ରକ୍ ଧକ୍କା ଦେବା ଫଳରେ ଗାଡି ଭିତରେ ଚାପି ହୋଇ ପଛ ଗାଡିର ଡ୍ରାଇଭର ଗୁରୁତର ହୋଇଛନ୍ତି। ଗୁରୁତର ଡ୍ରାଇଭରକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି।

## ଗଛରେ ଧକ୍କା ହେଲା ବାଇକ୍; ଶ୍ୱଶୁର ଜ୍ୱାଇଁ ଗୁରୁତର

**ତୁରୁମୁଙ୍ଗା, ୫।୧୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦେଇପଶି କେନ୍ଦୁଝର ରାସ୍ତାର ଶରଧାପୁର ନିକଟରେ ମଙ୍ଗଳବାର ଅପରାହ୍ନରେ ଭାରସାମ୍ୟ ହରାଇ ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇ ଶ୍ୱଶୁର ଆହତ ହୋଇଥିବା ବେଳେ ଜ୍ୱାଇଁ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ସୁନାପଶି ଗ୍ରାମର ଭରତ ମହାରଣା ତୁରୁମୁଙ୍ଗା ଥାନା ଚାକୁଣ୍ଡାପାଳ ଗ୍ରାମ ଶ୍ୱଶୁର ଘର କାଇରା ମୁଣ୍ଡା ଘରକୁ ଆସିଥିଲେ। ଉଭୟ ଜ୍ୱାଇଁ ଓ ଶ୍ୱଶୁର ବାଇକ ଯୋଗେ ଜଡିଚାତରରୁ ମାଂସ ନେଇ ଯାଇଥିବା ସମୟରେ ଶରଧାପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଶ୍ୱଶୁର କାଇରା ମୁଣ୍ଡା ଆହତ ହୋଇଥିବା ବେଳେ ଜ୍ୱାଇଁ ଭରତ ମହାରଣା ଗୁରୁତର ହୋଇଛନ୍ତି। ତାଙ୍କର ଗୋଡ଼ ଭାଙ୍ଗିଯାଇଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲ ସ୍ଥାନାନ୍ତର କରିଛନ୍ତି।

## ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ପଢୁଆଁ ଅଷ୍ଟମୀ



**ଆନନ୍ଦପୁର, ୫।୧୨ (ସମିସ):** ଆନନ୍ଦପୁରର ଆରାଧ୍ୟଦେବତା ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ପଢୁଆଁ ଅଷ୍ଟମୀ ଉତ୍ସବ ଯଥା ରୀତିନୀତିରେ ପାଳିତ ହୋଇଛି। ଏହି ଉପଲକ୍ଷେ ଆଜି ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ଅବକାଶ, ମୈଲମ, ବାଲଭୋଗ ପରେ ପୂଜାପଣ୍ଡାମାନେ ଶ୍ରୀଜୀଉମାନଙ୍କୁ ନୂଆ ବସ୍ତ୍ର ଲାଗି କରାଯାଇ ପଢୁଆଁ କରାଯାଇଥିଲା। ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାଳିତ ହେଉଥିବା ଏହି ପର୍ବରେ ଉଆପକ୍ଷିଆ ଚାଉଳ ହଳଦୀ ପତ୍ରରେ ଏଣ୍ଡୁରି ପିଠା ପ୍ରସ୍ତୁତ କରାଯାଇ ଶ୍ରୀଜୀଉମାନଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଉତ୍କଳୀୟ ପରମ୍ପରା ଅନୁଯାୟୀ ମାମୁଁ ଘର ଜ୍ୟେଷ୍ଠପୁତ୍ର ପଢୁଆଁ ପରମ୍ପରା ଶ୍ରୀଜୀଉଙ୍କ ମନ୍ଦିରରେ ପ୍ରତିବର୍ଷ ପାଳିତ ହୋଇଆସୁଛି। ରାଜପୁରୋହିତ ଶରତ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚ୍ଛା ସୁଦର୍ଶନ ମିଶ୍ର ପୁଷ୍ପାଞ୍ଜଳି ଅର୍ପଣ କରିବା ପରେ ପୂଜାପଣ୍ଡା ଜଗବନ୍ଧୁ ଦାଶ, ଯଶୋବନ୍ତ କର, ଜଗତବଲ୍ଲଭ ମିଶ୍ର, ସୁଆର ବିଶ୍ୱନାଥ ପାତ୍ର, ଲକ୍ଷ୍ମଣ ପାଢ଼ୀ, ଶଙ୍କର୍ଷଣ ମିଶ୍ର, ପଦ୍ମଲୋଚନ ପାଣିଗ୍ରାହୀ ଆଜିର ବେଶ ଓ ଦେବନୀତିରେ ସହଯୋଗ କରିଥିଲେ।

## ୪ ମୋବାଇଲ ଚୋର ଗିରଫ

**ଚମ୍ପୁଆ, ୫।୧୨(ସମିସ):** ଚମ୍ପୁଆ ଥାନା ଅନ୍ତର୍ଗତ କାନପୁର କେନାଲ ଡିଭିଜନ୍ ବାସୁଦେବପୁରଠାରେ ଘର ଭିତରେ ପଶି ହୋଇଥିବା ମୋବାଇଲ ଓ ଲାପଟପ୍ ଚୋରୀ ମାମଲାରେ ଚମ୍ପୁଆ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ କାନପୁର ଇରିଗେସନ ପ୍ଲାନିଂ ଇଞ୍ଜିନିୟର ସଦାଶିବ ରାଉତଙ୍କ ଘରେ ପଶି ଗତମାସ ୬ ତାରିଖରେ ୩ ଗୋଟି ମୋବାଇଲ, ଗୋଟିଏ ଲାପଟପ୍ ଓ ୨ ହଜାର ଟଙ୍କା ଚୋରମାନେ ଚୋରି କରିନେଇଥିଲେ। ଏ ନେଇ ଚମ୍ପୁଆ ଥାନାରେ ଅଭିଯୋଗ ପରେ ଚମ୍ପୁଆ ପୁଲିସ କେଶ ନଂ-୧୬୦/୨୩ ରଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଚୋରି ମୋବାଇଲର ଇମିଆଇ ନଂ.କୁ ଟ୍ରାକ୍ କରି ଚମ୍ପୁଆ ପୁଲିସ ଝୁପୁଡି ହାଟିଂ ଯୋଡା ଅଞ୍ଚଳରୁ ଉପେନ ମୁଣ୍ଡା, ବିପିନ ମୁଣ୍ଡା, ଶଙ୍କର ମୁଣ୍ଡା ଓ ରୋହିତ ନାଏକକୁ ଗିରଫ କରିବା ସହିତ କୋର୍ଟଚାଲାଣ କରିଛନ୍ତି। ତାଙ୍କଠାରୁ ମୋବାଇଲ ଜବତ କରାଯାଇଛି।

### ୫ମ ଉଲ୍ଲୋଳ ପ୍ରିମିଅର ଲିଗ୍ ଉଦ୍‌ଯାପିତ

## ମଧୁକେଶରୀ ଏକାଦଶ ଚମ୍ପିଅନ



**ଘସିପୁରା, ୫।୧୨(ସମିସ):** ଘସିପୁରା ବ୍ଲକ ବାତୋ ପଞ୍ଚାୟତ ଉଲ୍ଲୋଳ ଫୌଉଜି କ୍ଲବ ଆନୁକୂଲ୍ୟରେ ୫ମ ବାର୍ଷିକ ପଞ୍ଚାୟତସ୍ତରୀୟ ପ୍ରିମିଅର ଲିଗ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ମୋଟ ୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ଫଟାଫଟ୍ ସୀମିତ ଓଭର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଉଲ୍ଲୋଳ ବନାମ ମଧୁକେଶରୀ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଲ୍ଲୋଳ କ୍ଲବକୁ ହରାଇ ମଧୁକେଶରୀ ଏକାଦଶ ଚଳିତ ବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସମାଜସେବୀ ତଥା ଶିକ୍ଷାବିତ୍ ଆନନ୍ଦ ଚରଣ ପଲେଇ, ପୂର୍ବତନ ସମବାୟ ସମିତିର ସଭାପତି ନକୁଳ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅମ୍ପାଆର୍ ଭାବେ ପ୍ରଶାନ୍ତ କୁମାର ସାହୁ, ରାଜକିଶୋର ସାହୁ ଦାୟିତ୍ୱ ସମ୍ପାଦନ କରିଥିଲେ। ମ୍ୟାଚ ପରିଚାଳନାରେ ଉଲ୍ଲୋଳ ଫୌଉଜି କ୍ଲବର ମାନସ ରଞ୍ଜନ ସାହୁ, ପ୍ରଶାନ୍ତ ସାହୁ, ଟିକନ ନାୟକ, ରାଜେଶ ପଲେଇ, ସତ୍ୟପ୍ରକାଶ ଜେନା, ପ୍ରିୟବ୍ରତ ସାହୁ, ମିଥୁନ ଦାସ, ଦିଲ୍ଲିପ, ସଞ୍ଜିବ, ପ୍ରଦୀପ, ଆକାଶ, ଟୁଟୁଲ କୁନା, ଜିତେନ୍ଦ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ରାଜନଗର ଓ ତୁରୁମୁଙ୍ଗାରେ ବିକାଶ ରଥକୁ ସ୍ୱାଗତ

**ତୁରୁମୁଙ୍ଗା, ୫।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମ ପଞ୍ଚାୟତ ଓ ତୁରୁମୁଙ୍ଗା ପଞ୍ଚାୟତରେ ବିକାଶ ରଥକୁ ସ୍ୱାଗତ କରାଯାଇଛି। ଆଜି ବିକାଶ ରଥ ପହଞ୍ଚିବା ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲିପ କୁମାର ବେହେରାଙ୍କ ନେତୃତ୍ୱରେ ରଥକୁ ସ୍ୱାଗତ କରାଯାଇଛି। ମୁଖ୍ୟଅତିଥି ଭାବରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ରାଧାକାନ୍ତ ମହାନ୍ତ ଯୋଗ ଦେଇଥିଲେ। ରାଜନଗର ସରପଞ୍ଚ ସୁଧାଂଶୁ ନାଏକ, ଗ୍ରାମ ରୋଜଗାର ସେବକ ମଦନ ମୋହନ ରାଉତ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାରର ଅଖିଳ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ମନ୍ତ୍ରୀଙ୍କ ଉଜ୍ଜ୍ୱଳା ଯୋଜନାର ସୁବ୍ରତ ରଞ୍ଜନ ସେଠୀ, ଡ୍ରୋନ ଆସିଷ୍ଟାଣ୍ଡ ରଶ୍ମିରେଖା ସେଠୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ରାଧାକାନ୍ତ ମହାନ୍ତ ବିଭିନ୍ନ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ତୁରୁମୁଙ୍ଗା ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ବିକଶିତ ଭାରତ ସଂକଳ୍ପ ଯାତ୍ରାର ରଥକୁ ଭବ୍ୟ ସମ୍ବର୍ଦ୍ଧନା କରାଯାଥିଲା। ତୁତୁମୁଙ୍ଗା ପଞ୍ଚାୟତର ଶତାଧିକ ହିତାଧିକାରୀ ଏହି କାର୍ଯ୍ୟକ୍ରରେ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ସୁଲେଖା ନାଏକ, ଗ୍ରାମ ରୋଜଗାର ସେବକ ସତ୍ୟନାରାୟଣ ସାହୁ, ଯୋଗାଣ ସହାୟକ ସତ୍ୟାନନ୍ଦ ବେହେରା, ସ୍ୱାସ୍ଥ୍ୟ କର୍ମୀ କୁନ୍ତଳା ମହାନ୍ତଙ୍କ ପ୍ରମୁଖଙ୍କ ଉପସ୍ଥିତ ରହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଜନ୍ମଦିନରେ ରକ୍ତଦାନ

**ଆନନ୍ଦପୁର, ୫।୧୨(ସମିସ):** ନିଜ ଜନ୍ମ ଦିନରେ ଭୋଜି ଭାତ କିମ୍ବା କେକ୍ ଭଳି ଆଡମ୍ବର ଠାରୁ ଦୂରେଇ ଯାଇ ରକ୍ତଦାନ କରି ଜନ୍ମଦିନକୁ ପଲନ କରି ସମାଜ ପାଇଁ ଉଦାହରଣ ସାଜିଛନ୍ତି ଯୁବ ସମାଜସେବୀ ରୁଦ୍ରନାରାୟଣ ଦାଶ। ନିଜ ଜନ୍ମ ଦିନ ଅବସରରେ ମହତ ଉଦ୍ଦେଶ୍ୟରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଏକ ୟୁନିଟ୍ ରକ୍ତ ସ୍ୱେଚ୍ଛାକୃତ ଭାବରେ ଦାନ କରିଛନ୍ତି। ରକ୍ତ ପାଇଁ କାହାରି ଜୀବନ ନଯାଉ ମୁଖ୍ୟମନ୍ତ୍ରୀ ଦେଇଥିବା ନାରାକୁ ସମ୍ମାନ ଜଣାଇ ଉତ୍ସର୍ଗୀକୃତ ମନୋଭାବ ନେଇ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କ ସହପାଠୀ ଅନିଲ ସାହୁ, ଅମର ପଣ୍ଡା ଉପସ୍ଥିତ ରହି ସହଯୋଗ କରିଥିଲେ।



## ଖଣି ପରିବେଶ ଓ ଖଣିଜ ସମ୍ପଦ ସୁରକ୍ଷା ସପ୍ତାହ

**ଯୋଡା, ୫।୧୨(ସମିସ):** ଟାଟା ଷ୍ଟିଲ ଦ୍ୱାରା ପରିଚାଳିତ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣି ପକ୍ଷରୁ ୨୫ତମ 'ଖଣି ପରିବେଶ ଏବଂ ଖଣିଜ ସମ୍ପଦ ସୁରକ୍ଷା ସପ୍ତାହ' ପାଳିତ ହୋଇଯାଇଛି। ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ୍)ର ଭୁବନେଶ୍ୱର ଆଞ୍ଚଳିକ ଶାଖା ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଖଣି ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏହି ସଭାରେ ଓଏମ୍‌ସି ଡେପୁଟି ଜେନେରାଲ ମ୍ୟାନେଜର ଜ୍ଞାନପ୍ରକାଶ ମହାପାତ୍ର, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର, ପଟ୍ଟାବେଡା ଲୌହ ଖଣି ମହେନ୍ଦ୍ର ମହାନ୍ତି, ଘୋଡ଼ା ବୁଢାଣୀ-ସାଗାସାହି ଲୌହ ଖଣି ଜିଓଲୋଜି ମୁଖ୍ୟ ପୂର୍ଣ୍ଣ ସାହୁ, ଖଣ୍ଡବନ୍ଧ ଖଣି ମୁଖ୍ୟ ଜିଭି ସତ୍ୟ ନାରାୟଣଙ୍କ ସହ କମ୍ପାନୀର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଖଣିଜ ସମ୍ପଦ କ୍ଷୟଶୀଳ ହୋଇଥିବାରୁ ଏହାର ସୁବିନିଯୋଗ ଏବଂ ସଂରକ୍ଷଣ ଉପରେ ବିଶେଷ ଧ୍ୟାନ ଦିଆଯିବା ଦରକାର ଓ ଏଥିସହ ସୌରଶକ୍ତିର ବହୁଳ ବ୍ୟବହାର ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ।

ନିରୀକ୍ଷକ ଦଳର ମହେନ୍ଦ୍ର ମହାନ୍ତି ଏବଂ ପୂର୍ଣ୍ଣ ସାହୁ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ବିଶେଷ ତଥ୍ୟ ପ୍ରଦାନ କରି ଏହାକୁ କିପରି ସନ୍ତୁଳନ କରିହେବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ଯାନ୍ତ୍ରିକ ସହଯୋଗ ପ୍ରଦାନକାରୀ ସଂସ୍ଥା ଏବଂ କମ୍ପାନୀର ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶିତ ପରିବେଶ ଓ ଖଣି ସୁରକ୍ଷା ସମ୍ପର୍କିତ ମଡେଲ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହା ପୂର୍ବରୁ ଅତିଥିମାନେ ଖଣ୍ଡବନ୍ଧ ଲୌହ ଖଣିର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଟାଟା ଷ୍ଟିଲ ଦ୍ୱାରା ପରିବେଶ ଓ ଖଣି ସୁରକ୍ଷା ଉପରେ ନିଆଯାଇଥିବା ପଦକ୍ଷେପ ସବୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମ ଶେଷରେ ପୂର୍ବରୁ ଏହି ବିଷୟବସ୍ତୁ ଉପରେ ନିକଟସ୍ଥ ବିଦ୍ୟାଳୟ ତଥା କମ୍ପାନୀର କର୍ମଚାରୀ ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ଚିତ୍ରାଙ୍କନ, ସ୍ଲୋଗାନ୍ ଏବଂ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।



## ଡିଡିୟୁରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

କେନ୍ଦୁଝର, ୫।୧୨(ସମିସ)



କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏଥି ନିମନ୍ତେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆରମ୍ଭରୁ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୁଳସଚିବ ନରେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଯୁବ ବିକାଶ କାର୍ଯ୍ୟକ୍ରମର ପ୍ରଶଂସା କରି ଏହା ଯୁବ ପ୍ରତିଭାର ବିକାଶରେ ସହାୟକ ହେବ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନାଥ ନାଏକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ଯୁବ କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଅଧିକ ସଂଖ୍ୟକ ଯୋଗଦାନ ଉପରେ ଗୁରୁତ୍ୱ ଦେଇଥିଲେ। ବରଦା ପ୍ରସନ୍ନ ଦାସ, ଉପାଧ୍ୟକ୍ଷ କେନ୍ଦୁଝରଗଡ଼ ପୌରପାଳିକା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେଜିଲ୍ଲା ଓକିଲ ସଂଘ ସଭାପତି ଆଶିଷ ଚକ୍ରବର୍ତ୍ତୀ, ରାଜ୍ୟ ପ୍ରଦୁଷଣ ବୋର୍ଡର ମୁଖ୍ୟ ପରିବେଶ ଯନ୍ତ୍ରୀ ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ଏହି ଅବସରରେ ଯୁବ ବିକାଶକୁ ଜନ ମଙ୍ଗଳ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ଓସ୍କାର ନିର୍ଦ୍ଦେଶିକା ଧରିତ୍ରୀ ରାଉତ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ଥାନୀୟ କାଉନସିଲର ହେମନ୍ତ କୁମାର ପତି ବିଶ୍ୱବିଦ୍ୟାଳୟର ଶୃଙ୍ଖଳିତ କାର୍ଯ୍ୟକ୍ରମକୁ ଅଭିନନ୍ଦନ ଜଣାଇ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ନରେନ୍ଦ୍ର କୁମାର ସାହୁ ସମଗ୍ର କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଦାୟୀତ୍ୱ ବିଶ୍?ବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ସୁଧା ଦାଶ ତୁଲାଇଥିବାବେଳେ ଡ. ଅନୁପମା ଦାଶ, ଡ. ବିଜୟ କୁମାର ଦାଶ, ବଳରାମ ମାରାଣ୍ଡି, ମନୋରମା ଖଣ୍ଡା ନିଜ ନିଜ ଦାୟିତ୍ୱରେ ଥିବା କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରତାପ କୁମାର ମହାନ୍ତି ନିଜ ସଭାପତି ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧିରେ ଏଭଳି କାର୍ଯ୍ୟକ୍ରମ ଅତୁଳନୀୟ ବୋଲି ମତ ପ୍ରକାଶ କରିଥିଲେ। ଡ. ଦାମୋଦର ସାହୁ, ଡ.ବିଜୟକୁମାର ବେହେରା, ଡ. ଅରୁନ୍ଧତୀ ଓଝା, ନିରଜା ନଳିନୀ ନାୟକ, ଡ. ଦୀପକ କୁମାର ଦାଶ, ଦୋଳ ଗୋବିନ୍ଦ ରାଉତ୍, କୃଷ୍ଣଚନ୍ଦ୍ର ପ୍ରଧାନ, ଡ. ସରିତା ନାଏକ, ସଲମା କିସ୍କୁ, ଡ. ବିଜୟଲକ୍ଷ୍ମୀ ମାଝୀ, ଡ. ସଙ୍ଗୀତା ଶୁଶ୍ରୀ ନାୟକ, ଡ. ଶୁଚିସ୍ମିତା ଆଚାର୍ଯ୍ୟ, ଦୀନେଶ ମହାରଣା, ଡ. ବିଶ୍ୱ ରଞ୍ଜନ ଧଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ସମାରୋହରେ ଡ. ସୁମନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜରୁରୀ ବୈଠକ

# ତେଜିଲା ରାଇରଙ୍ଗପୁର ଜିଲ୍ଲା ଗଠନ ଦାବି



**ରାଇରଙ୍ଗପୁର, ୫ ।୧୨(ସମିସ)**

ନିକଟରେ ପଦ୍ମପୁର ଜିଲ୍ଲା ଘୋଷଣାକୁ ସବୁଜ ସଂକେତ ଦିଆଯାଇଛି । ରାଇରଙ୍ଗପୁରକୁ ମଧ ନୂତନ ଜିଲ୍ଲା ଗଠନ ପାଇଁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଦୀର୍ଘଦିନରୁ ଦାବି କରି ଆସୁଛନ୍ତି । ଏଥିପାଇଁ ବିଗତ ଦିନରେ ବିଭିନ୍ନ ଜନଆନ୍ଦୋଳନ କରାଯାଇ ରେଳରୋକ ଓ ରାଇରଙ୍ଗପୁର ବନ୍ଦ ମଧ ହୋଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାଇରଙ୍ଗପୁର ପିସିଏମ କଲ୍ୟାଣ ମଣ୍ଡପଠାରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହ୍ଲାଦ ପୂର୍ତ୍ତି, ବରିଷ୍ଠ ନେତା ମନୋରଞ୍ଜନ ମହାନ୍ତି, ସଞ୍ଜୀବ ମହାନ୍ତି, ରାଇରଙ୍ଗପୁର ପୌର ଅଧ୍ୟକ୍ଷ ଅଭିଶେକ ପଟ୍ଟନାୟକ, ବିଜୁ ଶକ୍ତି ଯୋଜନା ଉପଦେଷ୍ଟା ଦିପ୍ତୀମାନ ବଳ, ବିଜେଡି ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମ ଓ ବରିଷ୍ଠ ଆଇନଜିବୀ ରସାନନ୍ଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ମଞ୍ଚାସୀନ ଅତିଥିଗଣ ରାଇରଙ୍ଗପୁର ଜିଲ୍ଲା ଗଠନ ପାଇଁ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ଦେବା ସହିତ କରଞ୍ଜିଆ ସହିତ କୌଣସି ବାଦବିବାଦ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । କରଞ୍ଜିଆବାସୀ ଚାହିଁଲେ ଏହା ସହିତ ମିଶି ପାରନ୍ତି କିମ୍ବା ସେମାନେ ନୂତନ ଜିଲ୍ଲା ଗଠନ ପାଇଁ ଦାବି କରନ୍ତୁ, ସେଥିରେ ରାଇରଙ୍ଗପୁରବାସୀଙ୍କ କିଛି କହିବାର ନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା । ରାଇରଙ୍ଗପୁର ନୂତନ ଜିଲ୍ଲା ଗଠନ ହେଲେ ଅଞ୍ଚଳବାସୀ ଉପକୃତ ହେବା ସହିତ ଏଠାରେ ପଛୁଆ ରହିଥିବା ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ବିକାଶ ହୋଇପାରିବ । ଆଗାମୀ ଦିନରେ ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜିଲ୍ଲା ଦାବିକୁ ଅଧିକ ବଳିଷ୍ଠ କରିବେ ବୋଲି କ୍ରିୟାନୁଷ୍ଠାନ କିମିଟି ପକ୍ଷରୁ କୁହାଯାଇଛି । ବୈଠକରେ ବିଜୁ ମହିଳା ମୋର୍ଚ୍ଚା ସଭାପତି ତନୁଜା ମହାନ୍ତ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ସମାଜସେବୀ ଗୋପାଳ ବେଶ୍ରା, ଅଶୋକ ରାଉତ, ବରିଷ୍ଠ ନେତା ପାର୍ଥସାରଥୀ କବି, ଈଶାନ ମିଶ୍ର, ରାମଚନ୍ଦ୍ର ହାଁସଦା, ବ୍ୟବସାୟୀ ଅରବିନ୍ଦ ବାଗାଡିଆ, ମୁଚିରାମ ମାଝୀ, ଶାଶ୍ୱତ ବଳ, ସୁବାଷ ମଣ୍ଡଳ, ଅଧ୍ୟାପକ ବିଜୟ ରାମ, କାଳୀପ୍ରସନ୍ନ ମହାନ୍ତି, କିଶୋର ରଜକ, ରାଇସେନ ମୁର୍ମୁ ଏବଂ ରାଇରଙ୍ଗପୁର ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୃଦ୍ଧିଜୀବୀ, ସାମ୍ବାଦିକବୃନ୍ଦ, ସମସ୍ତ ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଦସ୍ୟ, ଓଡ଼ିଶା ଡ୍ରାଇଭର ସଂଘ ତଥା କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ ।

### ପାଞ୍ଚପୀଢ ଜିଲ୍ଲା ଗଠନ ଦାବି ନେଇ ବୈଠକ

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ପ୍ରତିନିଧି ଦଳ

**କରଞ୍ଜିଆ, ୫।୧୨(ସମିସ):** ମଙ୍ଗଳପାର କରଞ୍ଜିଆ ଓକିଲ ସଂଘର ଆବାହକତ୍ୱରେ ସଂଘର ସଭାଗୃହରେ ସଭାପତି ବାଞ୍ଛାନିଧି ପୃଷ୍ଟିଙ୍କ ସଭାପତିତ୍ୱରେ ଜିଲ୍ଲା କ୍ରିୟାନୁଷ୍ଠାନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘଦିନରୁ ଦାବି ହୋଇଆସୁଥିବା ପାଞ୍ଚପୀଢ ଜିଲ୍ଲା ଗଠନକୁ ନେଇ ତୁରନ୍ତ ପଦକ୍ଷେପ ନେବା ଲାଗି ସମସ୍ତ ବର୍ଗର ଲୋକ ବୈଠକରେ ଏକାଠି ହୋଇ ନିଜ ନିଜର ମତ ପ୍ରଦାନ କରିଥିଲେ । ପରେ ଜିଲ୍ଲା ଗଠନ ନେଇ ହୋଇଥିବା ଆଲୋଚନା ଓ ପ୍ରସ୍ତାବ ସମ୍ପର୍କରେ ସୂଚନା ଦିଆଯାଇଥିଲା । କରଞ୍ଜିଆ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ଅବସରରେ ହଜାର ହଜାର ଲୋକ ପାଞ୍ଚପୀଢ ଜିଲ୍ଲା ଗଠନ ଦାବିକୁ ସମର୍ଥନ ଦେଇଥିବା ନେଇ ବୈଠକରେ ମଧ ସୂଚନା ଦିଆଯାଇଥିଲା । ବୈଠକରେ ଦିଲ୍ଲୀପ ସାହୁ, ବିଶ୍ୱଜିତ ଚୌଧୁରୀ, ବିବେକାନନ୍ଦ ଦାସ, ସ୍ୱରୂପ ପରିଜା, ଭୁବନ ସାହୁ, ଶ୍ୟାମଳେନ୍ଦୁ ଦାସ, ଚିତ୍ତରଞ୍ଜନ ମିଶ୍ର, ଗଜେନ୍ଦ୍ରନାଥ ସାହୁ,



ବିଷ୍ଣୁକୁମାର ଅଗ୍ରୱାଲ, ସନ୍ତୋଷ ପୃଷ୍ଟି, କୃପାସିନ୍ଧୁ ମହାନ୍ତ, ଭାରତଚନ୍ଦ୍ର ଦାଶ ପ୍ରମୁଖ ପାଞ୍ଚପୀର ଜିଲ୍ଲା ଗଠନ ଦାବିକୁ ଦୃଢ ସମର୍ଥନ ଜଣାଇ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ସର୍ବସମ୍ମତିକ୍ରମେ ଜିଲ୍ଲାକୁ ଭାଗ ଭାଗ ନ କରିବାକୁ ଦାବି ହୋଇଥିଲା । ଯଦି ଭାଗ ଭାଗ କରାଯାଏ ତାହୋହେଲେ ଭିତ୍ତିଭୂମି ଥିବା ପାଞ୍ଚପୀଢକୁ ଅଗ୍ରାଧିକାର ଭିତ୍ତିରେ ପ୍ରଥମେ ସୁଯୋଗ ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ସ୍ମାରକପତ୍ର ଦେବାକୁ ଦାବି କରାଯାଇଛି । ଗତ ୧୯୪୮ ମୟୁରଭଞ୍ଜ ମିଶ୍ରଣ ଚୁକ୍ତିନାମାକୁ ସାର୍ବଜନିନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏଥିସହିତ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଜିଲ୍ଲା ଗଠନ ଦାବିକୁ ଉପସ୍ଥାପନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ଉଦଳା ଡାକ୍ତରଖାନାରୁ ବାଇକ୍ ଲୁଟ୍

**ଉଦଳା, ୫।୧୨(ସମିସ):** ଉଦଳା ଡାକ୍ତରଖାନାରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ଚୋର ଜଣକ ପ୍ରଥମେ ରୋଗୀଙ୍କ ସମ୍ପର୍କୀୟ ସାଜିବାର ଅଭିନୟ କଲେ । ରୋଗୀଙ୍କ ପରିବାର ସଦସ୍ୟଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା ମଧ କଲେ । ଶେଷରେ ରୋଗୀ ସମ୍ପର୍କୀୟଙ୍କ ଗାଡି ଚୋରି କରି ନେଇ ଫେରାର ହୋଇଗଲା ଚୋର । ଏଭଳି ଘଟଣା ଘଟିଛି ଉଦଳା ଡାକ୍ତରଖାନାରେ । ଏହି ଚୋରର ଫଟୋ ସିସିଟିଭିରେ କଏଦ ହୋଇଛି । ସ୍ଥାନୀୟ ଅଞ୍ଚଳର ମହିଳା ଜ୍ୟୋସ୍ନା ନାୟକ ନିଜ ସମ୍ପର୍କୀୟଙ୍କ ନିକଟକୁ ନିଜ ସ୍କୁଟିରେ ଯାଇଥିଲେ । ଡାକ୍ତରଖାନାରେ ନିଜ ସ୍କୁଟି ରଖି ସେ ରୋଗୀଙ୍କ ନିକଟକୁ ଯାଇଥିଲେ । ଜଣେ ଅଜଣା ବ୍ୟକ୍ତି ହଠାତ୍ ଆସି ରୋଗୀ ଆସିଥିବା ୧୦୮ ଆମ୍ବୁଲାନ୍ସରୁ ବାଲଟି ଆଣି ଜ୍ୟୋସ୍ନାଙ୍କ ସମ୍ପର୍କୀୟଙ୍କୁ ଦେଇଥିଲେ । ଏହା ପରେ ମାତ୍ର ୧୫ ମିନିଟ୍ ଭିତରେ ଉକ୍ତ ଯୁବକ ଜଣକ ସ୍କୁଟିକୁ ଡାକ୍ତରଖାନା ପରିସରରୁ ଲୁଟି ନେଇ ଚାଲିଯାଇଥିଲେ । ପରେ ସେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ । ସ୍କୁଟିରେ ଆଧାର କାର୍ଡ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ନଗଦ ୫ ହଜାର ଟଙ୍କା ଥିଲା ବୋଲି ଜ୍ୟୋସ୍ନା କହିଛନ୍ତି ।

## ଓଲଟିଲା ଲୁହାପଥର ବୋଝେଇ ଟ୍ରକ୍

**ରାଇରଙ୍ଗପୁର, ୫ ।୧୨(ସମିସ):** ବହଳଦା ଥାନା ଅଞ୍ଚଳ କାଦୁଆଣି ନିକଟ ୨୨୦ନଂ. ଜାତୀୟ ରାଜପଥରେ ଏକ ଲୁହାପଥର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା । ହେଲେ ଗାଡିର ଚାଳକ ଏବଂ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଡ୍ରେନ୍ ନ ଥିବାରୁ ରାସ୍ତାରେ ଭାସୁଛି ମଇଳା ପାଣି



**ରାଇରଙ୍ଗପୁର, ୫ ।୧୨(ସମିସ):** ବହଳଦା ବ୍ଲକ ଗମ୍ଭାରୀଆ ଗ୍ରାମ ପଞ୍ଚାୟତ ଗମ୍ଭାରିଆ ଗ୍ରାମ ରାସ୍ତାରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗମ୍ଭାରିଆ ଗାଁ ୱାର୍ଡ ସଂଖ୍ୟା ୩ରେ କଂକ୍ରିଟ ରାସ୍ତା ରହିଛି; ହେଲେ ରାସ୍ତା ଉପରେ ମାଟି ପୋତି ହୋଇ ରହିଥିବାରୁ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନ ଥିବାରୁ ଗାଁର ଘରଗୁଡିକରୁ ନିଷ୍କାସିତ ମଇଳା ପାଣି ରାସ୍ତା ଉପରେ ଭାସୁଛି । ଫଳରେ ଗାଁରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଗମନାଗମନ ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଚଳିତ ମାସ ଜନ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜଣାପଡ଼ିଛି ।

## ଭାଦୁଶୋଳରେ ଅଗ୍ନିକାଣ୍ଡ

**ଖୁଣ୍ଟା, ୫।୧୨(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଲକ୍ଷ୍ମଣସାହି ଗ୍ରାମ ପଞ୍ଚାୟତର ଭାଦୁଶୋଳ ଗ୍ରାମର ଅର୍ଜୁନ ହାଁସଦାଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ତେବେ ଗ୍ରାମବାସୀମାନେ ଅଗ୍ନିକାଣ୍ଡ ଦେଖି ସଙ୍ଗେ ସଙ୍ଗେ ଖୁଣ୍ଟା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି ।

## ଦଳ ବିରୋଧୀ କାମ ପାଇଁ ବିବେକାନନ୍ଦ ବିଜେଡିରୁ ନିଲମ୍ବିତ

**ବାରିପଦା/କରଞ୍ଜିଆ, ୫ ।୧୨(ସମିସ):** ଦଳ ବିରୋଧୀ କାର୍ଯ୍ୟ କରୁଥିବାରୁ ବିଜୁ ଜନତା ଦଳରୁ ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକର ସଂଯୋଜକ ବିବେକାନନ୍ଦ ଦାସଙ୍କୁ ନିଲମ୍ବିତ କରାଯାଇଛି । ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗ ହେବା ପରେ ଏ ନେଇ ଦଳର ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ଜବତ ବାଣକୁ ପୋତିଲା ପୁଲିସ

**କରଞ୍ଜିଆ, ୫।୧୨(ସମିସ):** ଗତ ନଭେମ୍ବର ୧ ତାରିଖରେ କରଞ୍ଜିଆରେ ଏକ ବେଆଇନ ବାଣ ଗୋଦାମ ଉପରେ ପୁଲିସ ଚଢଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରି ନିଜ ହେପାଜତରେ ରଖିଥିଲା । ବିନା ଲାଇସେନ୍ସରେ ବାଣ କାରବାର କରୁଥିବା ୯ ନମ୍ବର ୱାର୍ଡର ରଞ୍ଜିତ କୁମାର ପୁଥାଲଙ୍କୁ ସେତେବେଳେ ପୁଲିସ ଗିରଫ କରିଥିଲା । ହେଲେ ଜବତ ବାଣଗୁଡିକୁ ଆଜି ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଥାନା ପରିସରରେ ପୋତି ଦେଇଛି ।

## ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକ

**ବେତନଟୀ, ୫ ।୧୨(ସମିସ):** ବେତନଟୀ କଲେଜ ପରିଚାଳନା କମିଟିର ପ୍ରାକ୍ତନ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଅରୂପ କୁମାର ଘୋଷଙ୍କ ବିୟୋଗରେ କଲେଜ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ପ୍ରାକ୍ତନ ପ୍ରାଧ୍ୟାପକ ଅଲେଖ ବିଶ୍ୱାଳଙ୍କ ପୌରୋହିତ୍ୟରେ କଲେଜ ଅଡିଟୋରିୟମ ହଲରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଅଧ୍ୟାପକ ମନୋରଞ୍ଜନ ମହାନ୍ତ, ଇତିହାସ ବିଭାଗମୁଖ୍ୟ ପ୍ରାଧ୍ୟାପକ ଶ୍ରୀନିବାସ ଭଞ୍ଜଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ/ଅଧ୍ୟାପିକା, ଅଣଶିକ୍ଷା କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶୋକପ୍ରକାଶ କରିଥିଲେ । ବେତନଟୀ କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱର୍ଗତ ଘୋଷଙ୍କ ଦାୟିତ୍ୱବୋଧ ଏବଂ ଭୂମିକା ସନ୍ଦର୍ଭରେ ଆଲୋକପାତ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା ।

## ସର୍ଟ୍‌ସର୍କିଟ୍‌ରୁ ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି



**ବେତନଟୀ, ୫ ।୧୨(ସମିସ):** ବେତନଟୀ ଉପକଣ୍ଠ ବାହାନଡା ସ୍କୁଲ ସମ୍ମୁଖରେ ଥିବା ଏକ ସଉଦା ଦୋକାନରେ ସର୍ଟସର୍କିଟରୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି । ସୂଚନା ମୁତାବକ, ବାହାନଡା ୟୁପିସ୍କୁଲ ସମ୍ମୁଖରେ ଅଜୟ କୁମାର ସେଠୀଙ୍କ ଏକ ସଉଦା ଦୋକାନ ଏବଂ ଲୋଣ୍ଡ୍ରି ଦୋକାନ ରହିଛି । ସବୁଦିନ ଭଳି ସେ ସୋମବାର ରାତି ଦୋକାନ ବନ୍ଦକରି ଘରକୁ ଯାଇଥିଲେ । ତେବେ ଭୋରୁ ଦୋକାନ ଭିତରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖି ଲୋକେ ଅଜୟଙ୍କୁ ଡାକିଥିଲେ । ପରେ ଦୋକାନ ଖୋଲିବା ବେଳକୁ ଭିତରୁ ଦୋକାନଟି ଜଳୁଥିଲା । ସ୍ଥାନୀୟ ଲୋକେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ ମଧ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଛାରଖାର ହୋଇଯାଇଥିଲା । ଦୁଇଟିଯାକ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଲୁଗାପଟା ସମେତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡ ସଟ୍‌ସର୍କିଟରୁ ଲାଗିଥିବା ଅନୁମାନ କରାଯାଉଛି । ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି । ରାଜସ୍ୱନିରୀକ୍ଷକ ରତନ ହେମ୍ବ୍ରମ ଘଟଣାସ୍ଥଳ ପରିଦର୍ଶନକରି କ୍ଷୟକ୍ଷତିର ଆକଳନ କରିଛନ୍ତି । ଅଗ୍ନିଶମବାହିନୀ ମଧ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦାଖଲ କଲାପରେ ଅଜୟ କ୍ଷତିପୂରଣ ପାଇପାରିବେ ବୋଲି ଶ୍ରୀ ହେମ୍ବ୍ରମ ସୂଚନା ଦେଇଛନ୍ତି ।

## ଅସ୍ତିଆ ପ୍ରିମିୟର ଲିଗ୍ କ୍ରିକେଟ୍; ଗୌତମ ଫାଇଟର ବିଜୟୀ

**ବାରିପଦା, ୫ ।୧୨(ସମିସ):** ମଙ୍ଗଳବାର ଅସ୍ତିଆ ପ୍ରିମିୟର ଲିଗ୍ କ୍ରିକେଟ ଟର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ବିଜୁ ଜନତା ଦଳର ବାଙ୍ଗିରିପୋଷିପୋଷି ନିର୍ବାଚନ ମଣ୍ଡଳୀ ସଂଯୋଜକ ଆମର ସେଠୀ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଏହି ଖେଳରେ ଗୌତମ ଫାଇଟର, ଏପିକ୍ ବ୍ଲାଷ୍ଟର, ଟପାଟପ୍- ୧୧ ଫାଇଟ ମାଷ୍ଟର, ଜୀବନ ଜ୍ୟୋତି, ଏସଏମପି ଆଦି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ପୁରସ୍କାର ରାଶି ୧ଲକ୍ଷ ୧୦ହଜାର ଟଙ୍କା ଏବଂ ଦ୍ୱିତୀୟ ପୁରସ୍କାର ୯୦ହଜାର ଟଙ୍କା ରହିଛି । ପ୍ରଥମ ଦିନରେ ଗୌତମ ଫାଇଟର ଏବଂ ଟପାଟପ୍- ୧୧ ମଧ୍ୟରେ ଅନୁଷ୍ଠିତ ଖେଳରେ ଗୌତମ ଫାଇଟର ୧୧୫ ରନ ଟାର୍ଗେଟ ଦେଇଥିବା ବେଳେ ଟପାଟପ୍- ୧୧, ୧୦



ଓଭରରେ ୧୦୧ରନ ହାସଲ କରି ପରାସ୍ତ ହେଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଆୟୋଜକ ସେକ୍ ଅନିଶ୍, ସପନ ସେଠୀ, ଆକାଶ ବେହେରା ଦେବାଶିଷ ଦାସ, ମାନସ ରଞ୍ଜନ ଦଳେଇ, ଅମିତ୍ ଶାହା, ପ୍ରଣବ ସେଠୀ, ଦିପୁ, ଲେଲୁ, ଫୁଲୁ, ସିପୁ ଏବଂ ଅନ୍ୟାନ୍ୟ ସାଥୀ ବନ୍ଧୁ ମିଳିତ ଭାବେ ଜାନୁୟାରୀ ୪ ବର୍ଷ ଧରି ଆୟୋଜିତ କରିଆସୁଛନ୍ତି ବୋଲି ବିଜୁ ଜନତା ଦଳ, ମୟୂରଭଞ୍ଜର ଛାତ୍ର ଉପସଭାପତି ଦେବଜିତ୍ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ପଡ଼ୋଶୀଙ୍କ ମାଡ଼ରେ ଆହତଙ୍କ ମୃତ୍ୟୁକୁ ନେଇ ଧାରଣା

**ବାରିପଦା, ୫ ।୧୨(ସମିସ):** ପଡୋଶୀଙ୍କ ମାଡ଼ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ଅଭିଯୋଗକୁ ନେଇ ଥାନା ସମ୍ମୁଖରେ ପରିବାର ଲୋକେ ଧାରଣା ଦେଇଛନ୍ତି । ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ଡାହିସାହି ଗ୍ରାମରେ । ଏକ ମାସ ପୂର୍ବରୁ ସଞ୍ଜୀବ ଦେହୁରୀଙ୍କୁ ପଡୋଶୀ ଆକ୍ରମଣ କରିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ହେଲେ ଆଜି ଚିକିତ୍ସାଧୀନ ଅବସ୍ଥାରେ କଟକ ମେଡିକାଲରେ ମୃତ୍ୟୁ ଘଟିଛି । ଏହି ଖବର ଜଣାପଡ଼ିବା ପରେ ଅଭିଯୁକ୍ତକୁ ଗିରଫ ଦାବିରେ କପ୍ତିପଦା ଥାନା ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟାରେ ମୃତଦେହ ରଖି ରାସ୍ତା ଅବରୋଧ କରି ଧାରଣା ଦେଇଛନ୍ତି । ରାସ୍ତା ଅବରୋଧ ଦ୍ୱାରା ବାଲେଶ୍ୱର ଓ ଉଦଳା ରାସ୍ତାରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି । ପରେ ପୁଲିସ ପହଞ୍ଚି ବୁଝାସୁଝା ଜାରି ରଖିଥିବା ବେଳେ ଖବର ଲେଖାହେବା ଯାଏ ଧାରଣା ଜାରି ରହିଛି ।

### ୧୦ରେ ବାବୁଲାଲ ସ୍ମୃତି କୃଷକ ସମ୍ବର୍ଦ୍ଧନା ଉତ୍ସବ

# ସମ୍ବର୍ଦ୍ଧିତ ହେବେ ୨୬ ଶ୍ରେଷ୍ଠ କୃଷକ

**ବାରିପଦା, ୫।୧୨ (ସମିସ):** ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକର ୨୬ଜଣ ଶ୍ରେଷ୍ଠ ଅଗ୍ରଣୀ କୃଷକଙ୍କ ପାଇଁ 'ବାବୁଲାଲ ଅଗରୱାଲା ସ୍ମୃତି ୨୪ତମ ବାର୍ଷିକ କୃଷକ ପୁରସ୍କାର ସମ୍ବର୍ଦ୍ଧନା ଉତ୍ସବ-୨୦୨୩' ଆଗାମୀ ୧୦ ତାରିଖ ରବିବାର ପୂର୍ବାହ୍ନରେ ବାରିପଦା ଷ୍ଟାଡିୟମର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ବର୍ଷିଆନ ସାମ୍ବାଦିକ ତଥା ସମାଜସେବୀ ବାବୁଲାଲ ଅଗରୱାଲାଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ 'ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ' ପକ୍ଷରୁ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟ ଜିଲା କୃଷି ଅଧିକାରୀଙ୍କଠାରୁ ସୂଚନା ଅନୁଯାୟୀ ୨୬ ବ୍ଲକୱାରୀ ଶ୍ରେଷ୍ଠ କୃଷକଙ୍କ ମଧ୍ୟରେ ଜଳେଶ୍ୱର ମହାନ୍ତ (ବାରିପଦା), ରୋହିଦାସ ସିଂ (ଶାମାଖୁଣ୍ଟା), ରମେଶ ଚନ୍ଦ୍ର ଦାସବାବୁ (ଶୁଳିଆପଦା), ସୁଦାଶ ଦଣ୍ଡପାଟ (ବେତନଟୀ), ବୈକୁଣ୍ଠ ଗିରି (ରାସଗୋବିନ୍ଦପୁର), ଶ୍ରୀମତୀ ସ୍ୱାଧୀନ ମହାନ୍ତ (ମୋରଡ଼ା), କରୁଣାକର ମହାନ୍ତି (ବଡ଼ସାହି), ଜିତେନ୍ଦ୍ର ବେହେରା (ବାଙ୍ଗିରିପୋଷି), ମୃତ୍ୟୁଞ୍ଜୟ ଧଳ (କୁଳିଅଣା), ସପନ କୁମାର ଘୋଷ (ସାରସକଣା), କୈଳାସ ଚନ୍ଦ୍ର ହାଁସଦା (ଉଦଳା), ଭାଗବତ ବିଶ୍ୱାଳ (ଗୋପବନ୍ଧୁନଗର), ପ୍ରକାଶ ଚନ୍ଦ୍ର ନାଏକ (ଖୁଣ୍ଟା), ରାଜୀବ କୁମାର ଜେନା (କପ୍ତିପଦା), ଭୀମସେନ ଟୁଡୁ (କରଞ୍ଜିଆ), ଦେବାନନ୍ଦ ପଙ୍ଗୁଆ (ଶୁକ୍ଳି), ହୃଷିକେଶ ସେନାପତି (ଠାକୁରମୁଣ୍ଡା), ବିଶ୍ୱ ବିପ୍ଳବ ମହାନ୍ତ (ଯଶିପୁର), ଦାମୋଦର ତିରିଆ (ରରୁଆଁ), ସୁଗଦା ମାଝୀ (ରାଇରଙ୍ଗପୁର), ସୁରେନ୍ଦ୍ର ବେହେରା (ବିଶୋଇ), ରମେଶ ଚନ୍ଦ୍ର ସୋରେନ (ବିଜାତଳା), ଆନା ସାନ୍ତାଳ (କୁସୁମୀ), ରାମେଶ୍ୱର କଣ୍ଡାଙ୍କେଲ (ଜାମଦା), ଅପର୍ଣ୍ଣା ମହାନ୍ତ (ବହଳଦା) ଏବଂ ମହେନ୍ଦ୍ର ବାନ୍ଦରା (ତିରିଂ) ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂଯୋଜକ ଅବସରପ୍ରାପ୍ତ ବରିଷ୍ଠ କୃଷି ଅଧିକାରୀ ରାସେଶ୍ୱର ସାହୁ ସୂଚନା ଦେଇଛନ୍ତି ।

## ବିଜେଡି ପକ୍ଷରୁ କୁଲଡିହା ଗାଁରେ ରାଜୁଙ୍କୁ ସମ୍ବର୍ଦ୍ଧନା

**ରାଇରଙ୍ଗପୁର/ଝରାଡ଼ିହି, ୫ ।୧୨(ସମିସ):** ଉତ୍ତରାକାଶୀରେ ନିର୍ମାଣାଧୀନ ଟନେଲରୁ ଜୀବନ ସହ ସଂଘର୍ଷ କରି ପୁନର୍ଜୀବନ ପାଇ ଗାଁକୁ ଆସିଥିବା ରାଜୁ ନାଏକଙ୍କୁ ବହଳଦା ବ୍ଲକ କୁଲଡିହାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଜେଡି ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ କୁଲଡିହାରେ ପହଞ୍ଚି ରାଜୁଙ୍କୁ ପୁଷ୍ପମାଳ ପିନ୍ଧାଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ପରବର୍ତ୍ତୀ ସମୟରେ ସାର୍ବଜାନିକ ରୂପେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ, ରାଇରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଜିଲ୍ଲା ଉପସଭାପତି ସଚ୍ଚିନ୍ଦ୍ର ଦାସ, ଜିଲ୍ଲା ସମ୍ପାଦକ ପଙ୍କଜ ରାଉତ, ବହଳଦା ବ୍ଲକ ୨୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ଭଗବତୀ ମିଶ୍ର, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରାହୁଲ ଯାଦବ, ବହଳଦା ବ୍ଲକ ସଭାପତି ହରେକୃଷ୍ଣ ମଣ୍ଡଳ, ଜିତୁ ସାହୁ, ଲକ୍ଷ୍ମୀ ମଣ୍ଡଳ, ଦେବଦତ୍ତ ରାଉତ, ଦୀପକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



### ଜାତୀୟସ୍ତରୀୟ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଲିଗ୍

# ମୀନାଙ୍କୁ ସ୍ୱର୍ଣ୍ଣ ଓ ସ୍ନେହା ପାଇଲେ ରୌପ୍ୟ

**ବେତନଟୀ, ୫ ।୧୨(ସମିସ)**

କୋଲକାତାରେ ଡିସେମ୍ବର ୨ରୁ ୬ତାରିଖ ପର୍ଯ୍ୟନ୍ତ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ମହିଳାଲିଗ୍-୨୦୨୩ରେ ଭାରତ୍ତୋଳନ କ୍ଷେତ୍ରରେ ଶକ୍ତିମାନ ଜିମ୍ନାସିୟମକୁ ବେଶ୍ ସଫଳତା ମିଳିଛି । ଜିମ୍ନାସିୟମର ସ୍ନେହା ସୋରେନ ଏବଂ ମୀନା ସିଂ ଦୁଇଟି ବର୍ଗରେ ଯଥାକ୍ରମେ ରୌପ୍ୟ ଏବଂ ସ୍ୱର୍ଣ୍ଣପଦକ ହାସଲକରି ଓଡ଼ିଶା ସମେତ ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି । ମୀନା ୪୯କିଲୋଗ୍ରାମ ବର୍ଗରେ ସ୍ନାଚ୍-୬୨କେଜି ଏବଂ କ୍ଲିନ ଏଣ୍ଡ ଜାର୍କ- ୭୯କେଜି ଏହିଭଳି ମୋଟ ୧୪୧ କିଲୋର ଭାରତ୍ତୋଳନ କରି ଦେଶର ବିଭିନ୍ନ ରାଜ୍ୟରୁ ଆସିଥରବା ପ୍ରତିଯୋଗୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ




କରିଛନ୍ତି । ସେହିଭଳି ୫୫କିଲୋବର୍ଗରେ ଆନ୍ତର୍ଜାତୀୟ ଖେଳାଳି ସ୍ନେହା ସୋରେନ ସ୍ନାଚ୍-୭୯କେଜି ଏବଂ କ୍ଲିନ ଏଣ୍ଡ ଜାର୍କ- ୧୦୬ କେଜି ଏହିପରି ମୋଟ ୧୮୫ କିଲୋଗ୍ରାମର ଭାରତ୍ତୋଳନ କରି ରୌପ୍ୟପଦକ ହାସଲ କରିଛନ୍ତି । ବିଭିନ୍ନ ରାଜ୍ୟରୁ ବଛାବଛା ଖେଳାଳିମାନେ ଏହି ଜାତୀୟସ୍ତରୀୟ ଭାରତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା



ବେଳେ ସେମାନଙ୍କୁ ପଛରେ ପକାଇ ବେତନଟୀ ଥାନା ଅଧୀନ ଲଙ୍ଗଳକଟାସ୍ଥିତ ଶକ୍ତିମାନ ଜିମ୍ନାସିୟର ସ୍ନେହା ସୋରେନ ଏବଂ ମୀନା ସିଂଙ୍କ ଏହି ସଫଳତା ପରେ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ । ଏହି ଅବସରରେ ମୟୂରଭଞ୍ଜ ଭାରତ୍ତୋଳନ ଆସୋସିଏସନର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସଭାପତି ନବକୁମାର ସାହୁ, ଉପସଭାପତି ବିଜୟ କୁମାର ମିଶ୍ର, ଜିତେନ୍ଦ୍ର ବେହେରା, ଯୁଗ୍ମସମ୍ପାଦକ ତରୁଣ କୁମାର ମହାନ୍ତି, କୋଷାଧ୍ୟକ୍ଷ ବିଜୟ ଦାସ, ଉପଦେଷ୍ଟା ଶଙ୍କର କୁମାର କର, ରାଜ୍ୟ ଭାରତ୍ତୋଳନ ଆସୋସିଏସନର ସଭାପତି ନାରାୟଣ ସାହୁ, ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ କେ. ରବିକୁମାର ଏବଂ ମନ୍ଦାକିନୀ ମହାନ୍ତ ପ୍ରମୁଖ ଶୁଭକାମନା ଜଣାଇଛନ୍ତି ।

## ଘସିପୁରା ବ୍ଲକ ଭୀମଭୋଇ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା

# ଅଧିକାରୀଙ୍କୁ ସ୍ୱାଦିଷ୍ଟ ଖାଦ୍ୟ; ଭିନ୍ନକ୍ଷମଙ୍କୁ ଭାତଡାଲମା

ଆନନ୍ଦପୁର, ୫।୧୨(ସମିସ)









ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିବିଧ ଯୋଜନାମାନ କରୁଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ତଳସ୍ତରରେ ଥିବା ବିଭାଗୀୟ ଅଧିକାରୀମାନଙ୍କ ହେୟ ମନୋଭାବ ଯୋଗୁ ଏହା ଭଣ୍ଡୁର ହୋଇଯାଉଥିବା ଅନୁମାନ ହୋଇଛି। ଭିନ୍ନକ୍ଷମଙ୍କୁ ସଶକ୍ତିକରଣ କରିବାକୁ ପଞ୍ଚାୟତ, ବ୍ଲକ ଓ ଉପଖଣ୍ଡସ୍ତରୀୟ ଚିହ୍ନଟ ଶିବିର କରାଯାଇ ସେମାନଙ୍କୁ ଆବଶ୍ୟକ ପ୍ରମାଣପତ୍ର, ସହାୟକ ଯନ୍ତ୍ରପାତି ଓ ସହାୟତା ରାଶି ପ୍ରଦାନ କରିବାକୁ ଆବଶ୍ୟକ ଅର୍ଥର ବ୍ୟବସ୍ଥା କରୁଥିବା ବେଳେ ଏହାକୁ ପରିଚାଳନା କରୁଥିବା କେତେକ ବିଭାଗୀୟ ଅଧିକାରୀମାନଙ୍କ ଲାଭଖୋର ମନୋଭାବ ଯୋଗୁ ଏହି ଶିବିରରେ ଅନେକ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଛି। ଫଳରେ ଏପରି ଅବ୍ୟବସ୍ଥାକୁ ନେଇ ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି ଘସିପୁରା ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଘସିପୁରା ବ୍ଲକରେ ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର ଆୟୋଜନ ହୋଇଥିଲା। ଉପଯୁକ୍ତ ପ୍ରଚାର ପ୍ରସାର, ପୋଷ୍ଟର, ବ୍ୟାନର ଓ ସୂଚନା ଅଭାବରୁ ମାତ୍ର କେତେକ ଭିନ୍ନକ୍ଷମ ଏହି ଶିବିରରେ ଯୋଗ ଦେଇଥିଲେ। ତେବେ ଅସ୍ଥିଶଲ୍ୟ ବିଭାଗ, କର୍ଣ୍ଣ ବିଭାଗ, ମାନସିକ ଅନଗ୍ରସର ବିଭାଗ ଓ ଦୃଷ୍ଟିବାଧିତ ଶ୍ରେଣୀର ଭୀନ୍ନକ୍ଷମମାନେ ଯୋଗ ଦେଇଥିଲେ। ଶିବିରରେ ଯୋଗ ଦେବାକୁ ଆସିଥିବା ଭିନ୍ନକ୍ଷମ ମାନଙ୍କ ପାଇଁ ଜଳଖିଆ, ପାନୀୟ ଜଳ ଓ ମଧ୍ୟାହ୍ନ ଭୋଜନ ବାବଦକୁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ୫ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା। ହେଲେ ଶିବିରରେ ପିଇବା ପାଣିର ବ୍ୟବସ୍ଥା ହୋଇନଥିବା ବେଳେ ଅତ୍ୟନ୍ତ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଇଥିବାରୁ ଭୀନ୍ନକ୍ଷମ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମଧ୍ୟାହ୍ନ ଭୋଜନରେ ଭିନ୍ନକ୍ଷମ ଓ ସେମାନଙ୍କ ଅଭିଭାବକଙ୍କୁ ଭାତ, ଡାଲମା ଓ ଖଟା ଦିଆଯାଇଥିବା ବେଳେ ଶିବିରକୁ ଆସିଥିବା ଡାକ୍ତର, ଜିଲ୍ଲାସ୍ତରୀୟ ଅଧିକାରୀ, ଉପଖଣ୍ଡ ପ୍ରଶାସନିକ ଅଧିକାରୀ ଓ ବ୍ଲକ କର୍ମଚାରୀମାନଙ୍କ ପାଇଁ ସ୍ୱାଦିଷ୍ଟ ଖାଦ୍ୟର ବ୍ୟବସ୍ଥା କରାଯିବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ କେତେକ ଗଣମାଧ୍ୟମର ପ୍ରତିନିଧି ଶିବିର ଦାୟିତ୍ୱରେ ଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଭକାନ୍ତ ଜେନାଙ୍କୁ ପ୍ରଶ୍ନ କରିଥିଲେ। ଖବର ପାଇ କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଏତାଦୃଶ ଅବ୍ୟବସ୍ଥାର ଅନୁଧ୍ୟାନ କରିବା ସହିତ ଏଭଳି ଆୟୋଜନ ସମ୍ପର୍କରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟ ସରକାର ଏହି ଶିବିର ପାଇଁ ଲକ୍ଷାଧିକ ଟଙ୍କା ଅନୁଦାନ ଦେଇଥିବା ବେଳେ ଭିନ୍ନକ୍ଷମମାନଙ୍କୁ ହେୟ ମନେ କରି ଭାତ ଡାଲି ପରସିବା ଘଟଣାରେ ବିଭାଗୀୟ ଅଧିକାରୀଙ୍କ ହୀନମନ୍ୟତାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏଭଳି ବ୍ୟତିକ୍ରମ ଭବିଷ୍ୟତରେ କେବେ ବି ନହେବା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଶିବିରରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ।

### ଚେୟାରରେ ବୁହାହେଲେ ଦିବ୍ୟାଙ୍ଗ

### ହେୟ ମନୋଭାବ ଯୋଗୁ ଭିନ୍ନକ୍ଷମଙ୍କ ଅସନ୍ତୋଷ

## ଆଦର୍ଶ ଶିକ୍ଷକଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା



**ଘସିପୁରା, ୫।୧୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଅଙ୍ଗାରୁଆ ଗ୍ରାମର ଆଦର୍ଶ ଶିକ୍ଷକ ତଥା ଗାଁ ମୁରବୀ ଦୟାନିଧି ପଣ୍ଡା(୮୧)ଙ୍କ ଦ୍ୱାଦଶ କ୍ରିୟା ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ସମେତ ସ୍ଥାନିୟ ଗଁପୁର ରଘୁନାଥଜୀୟୁ କମିଟି ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ଉପସଭାପତି ରାଜ କିଶୋର ମହାକୁଳ ସମେତ ସ୍ଥାନୀୟ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ତାଙ୍କ ଗୁଣଗାନ କରିଥିଲେ। ସ୍ୱର୍ଗତ ପଣ୍ଡା ଗାଁ ଉପ୍ରା ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି ଦୀର୍ଘ ୩୫ ବର୍ଷ ପରେ ସେହି ଠାରୁ ହିଁ ଅବସର ଗ୍ରହଣ କରିଥିଲେ। ଶିକ୍ଷକତାରୁ ଅବସର ପରେ ସେ ଗ୍ରାମର ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଏବଂ ଶିକ୍ଷାନୁଷ୍ଠାନର ଉନ୍ନତି ଦିଗରେ ସକ୍ରିୟ ଭାବେ ଜଡିତ ରହି କାର୍ଯ୍ୟ କରିଥିଲେ।

## ଆନନ୍ଦପୁର ଜିଲ୍ଲା ଆନ୍ଦୋଳନକୁ ଜୋରଦାର କରିବାକୁ ଦାବି




**ଆନନ୍ଦପୁର, ୫।୧୨ (ସମିସ):** ଅବିଭକ୍ତ କେନ୍ଦୁଝର ଜିଲ୍ଲାର ସର୍ବବୃହତ ଆନନ୍ଦପୁର ଉପଖଣ୍ଡକୁ ଜିଲ୍ଲାମାନ୍ୟତା ଦାବିରେ ଦ୍ୱିତୀୟ ବାର ଆନ୍ଦୋଳନକୁ ଜୋରଦାର କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଜିଲ୍ଲା ଆନ୍ଦୋଳନ ସପକ୍ଷରେ ଅନେକ ନିଜର ମତାମତ ବ୍ୟକ୍ତ କରିଥିବା ଜଣାଯାଇଛି। ସେହିପରି ଅଗ୍ରଣୀ ଗଣମାଧ୍ୟମ ସଂଗଠନ ଆନନ୍ଦପୁର ପ୍ରେସ୍ ଫୋରମ ପକ୍ଷରୁ ଆଜି ଏହି ପ୍ରସଙ୍ଗରେ ଉପଦେଷ୍ଟା କମଳାକାନ୍ତ ଦାସ, ସଭାପତି ଉମେଶ ଚନ୍ଦ୍ର ପାଢି ଓ ସମ୍ପାଦକ ନିର୍ମଳ ଚନ୍ଦ୍ର ରାଉଳଙ୍କ ତତ୍ତ୍ୱାବଧାନରେ ଫୋରମ୍ କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ନୂଆ ଜିଲ୍ଲା ଗଠନ ନେଇ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ପ୍ରଶାସନକୁ ସାଧାରଣ ଲୋକଙ୍କ ନିକଟତର କରିବା ପାଇଁ ଆନନ୍ଦପୁରକୁ ପ୍ରାଥମିକତା ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

୧୯୯୩ ମସିହା ଜିଲ୍ଲା ପୁର୍ନଗଠନରେ ଆନନ୍ଦପୁର ବାଦ ପଡ଼ିଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ହେଲେ ବର୍ତ୍ତମାନ ପ୍ରସ୍ତାବିତ ପୁନର୍ଗଠନ ପ୍ରକ୍ରିୟାରେ ଆନନ୍ଦପୁରବାସୀ ବେଶ ଆଶାବାଦୀ। କେନ୍ଦୁଝର ସଦର ମହକୁମାଠାରୁ ଆନନ୍ଦପୁର ପ୍ରାୟ ୯୦.୭ କିମି ଦୂରତାରେ ଅବସ୍ଥିତ। ଏତେ ଦୂରତ୍ୱ ଯୋଗୁଁ ପ୍ରଶାସନିକ କ୍ଷେତ୍ରରେ ସ୍ୱଭାବିକ ଭାବରେ ଦୁଇ ଅଞ୍ଚଳ ମଧ୍ୟରେ ସମନ୍ୱୟର ଅଭାବ ପରଲକ୍ଷିତ ହୁଏ। ଲୋକସଂଖ୍ୟା ଦୃଷ୍ଟିରୁ କେନ୍ଦୁଝର ଜିଲ୍ଲା ରାଜ୍ୟର ସପ୍ତମ ବୃହତ ଏବଂ ଭୌଗୋଳିକ ଆୟତନ ଦୃଷ୍ଟିରୁ ଚତୁର୍ଥ ବୃହତ ଜିଲ୍ଲା। ପୂର୍ବଥର ପରି ଏଥର ଆନନ୍ଦପୁରବାସୀ ଏହି ନୂତନ ଜିଲ୍ଲା ମାନ୍ୟତା ପାଇବାକୁ ଆଶାବାଦୀ ହୋଇପଡ଼ିଥିବା ଜଣାଯାଇଛି। ସମ୍ପ୍ରତି ଆନନ୍ଦପୁର ଉପଖଣ୍ଡ ତିନିଟି ବ୍ଲକ ତଥା ତିନିଟି ତହସିଲ, ଓ ପୌରପରିଷଦ ସମେତ ୭୩ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ ହୋଇଛି। ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଆନନ୍ଦପୁରକୁ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବରେ ଘୋଷଣା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ହାତୀ ମୃତ୍ୟୁର ତଦନ୍ତ କରୁଛନ୍ତି ଡିଏଫ୍‌ଓ ଏଚ୍‌ଡି ଧନରାଜ

## ଜିଲ୍ଲାସ୍ତରୀୟ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



**କେନ୍ଦୁଝର, ୫।୧୨(ସମିସ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ କେନ୍ଦୁଝର ଜିଲା ପ୍ରଶାସନ ତରଫରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ମିନି କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍ଦେଶ୍ୟରେ ଜିଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ୪ଟି କମିଟି ଯଥା- ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ ଟାକ୍ସ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଡେପୁଟି କଲେକ୍ଟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ ସମସ୍ତ କମିଟି ଗଠନ ହୋଇ ଅନୁରୂପ ଭାବରେ ବୈଠକ କରାଯାଇଥିବାର ସୂଚନା ଦେଇଥିଲେ। ପରେ ଆକ୍ସନ ଏଡ୍‌ର ନ୍ୟାସନାଲ ପ୍ରୋଜେକ୍ଟ ଲିଡ୍ ଚାଇଲ୍ଡ ରାଇଟ୍ସ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଥିବା ସଦସ୍ୟମାନଙ୍କର ଶିଶୁଙ୍କ ସୁରକ୍ଷା ପାଇଁ ଥିବା ଦାୟିତ୍ୱ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ ହୋଇଥିଲା। ସେହିପରି ଭାବେ ଜିଲ୍ଲା ଶ୍ରମ ଅଧିକାରୀ ଶିଶୁ ଶ୍ରମିକ ଆଇନ ଓ ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ନିର୍ମାଣ ଶ୍ରମିକ ମାନଙ୍କ ଶିଶୁମାନଙ୍କ ପାଠ ପଢ଼ା ନିମନ୍ତେ ଦିଆଯାଉଥିବା ଛାତ୍ରବୃତ୍ତି ଓ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଦିଆଯାଇଥିବା ସହାୟତା ରାଶିର ପ୍ରାବଧାନ ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କିପରି ଭାବରେ ଯେଉଁ ଗ୍ରାମଗୁଡିକରେ ବାଲ୍ୟ ବିବାହ ହେଉନାହିଁ ତାହାକୁ ବାଲ୍ୟ ବିବାହମୁକ୍ତ ଗ୍ରାମ ବୋଲି ଘୋଷଣା କରିପାରିବା ତା' ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଆସୋସିଏଟ୍ ଡାଇରେକ୍ଟର ଆକ୍ସନ ଏଡ୍, ଅଧକ୍ଷ ଶିଶୁ ମଙ୍ଗଳ ସମିତି, ଜିଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ସୁରକ୍ଷା ଓ ସଶକ୍ତିକରଣ ଅଧିକାରୀ, ଡିପିସି ସମଗ୍ର ଶିକ୍ଷା, ଜିଲା ଶ୍ରମ ଅଧିକାରୀ, ପିଏମ୍ ଜେଡିଏ, ବିଭିନ୍ନ ବ୍ଲକର ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ, ଆକ୍ସନ ଏଡ୍‌ର ଜିଲ୍ଲା ସଂଯୋଜକ ବାଲ୍ୟ ବିବାହ ନିରାକରଣ ଉପସ୍ଥିତ ଥିଲେ। ଶିଶୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ ହେବା ସହ ଜିଲା ଶିକ୍ଷା ବିଭାଗ ଦ୍ୱାରା ଚୟନ ହୋଇଥିବା ୫ଜଣ ପିଲାଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିପରି ଗୋବିନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର କୋମଳ ମହାନ୍ତି, ଶିରିଷପାଳ ଫୁଲବାହାଡି ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ମାମି ଜୀରା, ପଦ୍ମପୁର ମହାଲକ୍ଷ୍ମୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବର୍ଷାରାଣୀ ସର୍ଦ୍ଦାର, ବାଂଶପାଳ ବ୍ଲକ ରୁଗୁଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଶା ନାଏକ, ଖିରେଇଟାଙ୍ଗିରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରିୟଦର୍ଶିନୀ ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା।



## କେଶଦୁରାପାଳରେ ଆଞ୍ଚଳିକ ବାଲିଯାତ୍ରା ଆରମ୍ଭ

**ଆନନ୍ଦପୁର, ୫।୧୨(ସମିସ):** କେଶଦୁରାପାଳଠାରେ ଚଳିତବର୍ଷ ଆଞ୍ଚଳିକ ବାଲିଯାତ୍ରା ମହା ସମାରୋହରେ ଆଜି ସନ୍ଧ୍ୟାରେ ଆରମ୍ଭ ହୋଇଛି। ଏହି ଯାତ୍ରା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି। ଏହି ଉପଲକ୍ଷେ ଶ୍ରୀଶ୍ରୀ ରାଧାକୃଷ୍ଣଙ୍କର କାର୍ତ୍ତିକ ପୂର୍ଣ୍ଣମୀଠାରୁ ରୀତିନୀତି ଅନୁଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପ୍ରତ୍ୟହ ଆଧ୍ୟାମ୍ରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅଞ୍ଚଳକୁ ବେଶ୍ ଭକ୍ତିମୟ କରିଛି। ଏହି ବାଲିଯାତ୍ରାରେ ମୀନା ବଜାର ସହିତ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ପଡ଼ିଥିବା ବେଳେ ମିକି ମାଉସ, ରାମ ଦୋଳି, ବ୍ରେକ ଡ୍ୟାନସ, ଡ୍ରାଗନ ଓ ଜମ୍ପି ଦୋଳି ଲାଗିଥିବାରୁ ବାଲିଯାତ୍ରା ପଡ଼ିଆରେ ଜନସମାଗମ ପରିଲକ୍ଷିତ ହୋଇଛି। ଚଳିତ ଥର ଯାତ୍ରାକୁ ସରସସୁନ୍ଦର କରିବା ପାଇଁ କମିଟିର ସଭାପତି ଭିକାରୀ ବିନ୍ଧାଣୀ, ସମ୍ପାଦକ ହରିପ୍ରସାଦ ମିଶ୍ର, ଉପସଭାପତି ବିଶ୍ୱନାଥ ଓଝା, ସରପନଚ ପ୍ରତିନିଧି ପର୍ଶୁରାମ ମହାରଣାଙ୍କ ସମେତ ଶିକ୍ଷାବିତ୍ ଆକାଶ ରଥ, ନାରାୟଣ ଦାସ, ନବୀନଚନ୍ଦ୍ର ବିନ୍ଧାଣୀ, ଟିଟୁ ବିନ୍ଧାଣୀ, ପ୍ରଶନ୍ନ ଓଝା, ଲୋକନାଥ ମିଶ୍ର, ବିଦ୍ୟାଧର ସୁତାର, ଶ୍ରୀଧର ମିଶ୍ର, ଅବିନାଶ ଶତପଥି, ସ୍ମୃତିରଞ୍ଜନ ବିହାରୀ, ପ୍ରଭାତ ନାୟକ, ଟୁଲିଆ ମହାରଣା ପ୍ରମୁଖ ପରିଚାଳନା କରୁଥିବା ଜଣାଯାଇଛି।



## ୮ରୁ ପୁରୁଣାବାନ୍ଧଗୋଡ଼ା ଗାଁ ମହୋତ୍ସବ ଆରମ୍ଭ

**ଘସିପୁରା, ୫।୧୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ଗ୍ରାମରେ ଚଳିତ ଡିସେମ୍ବର ୮ ତାରିଖ ଶୁକ୍ରବାର ଠାରୁ ୫ ଦିନ ବ୍ୟପୀ ଗାଁ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥି ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶେଷ ହୋଇଛି। ଶୁକ୍ରବାର ଠାରୁ ମହୋତ୍ସବ ପଡ଼ିଆରେ ମୀନା ବଜାର, ଦୋଳି, ହରେକ ମାଲ, ସହ ଅନେକ ଘର କରଣା ଏବଂ ସୌଖିନ ଜିନିଷର ପସରା ମେଳିବ। ସନ୍ଧ୍ୟାରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ମେଲୋଡି କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଥିବା ବେଳେ ୧୦ ତାରିଖ ରବିବାରଠାରୁ ଖୋଲା ମଞ୍ଚରେ ଅପେରା ରଙ୍ଗମହଲ ଯାତ୍ରା ପରିବେଷଣ କରିବାକୁ ସ୍ଥିର ହୋଇଛି। ସେହିପରି ୧୧ ତାରିଖ ସୋମବାର ସନ୍ଧ୍ୟାରେ ଓଡିଆ ସିନେ ଅଭିନେତ୍ରୀ ଶୀତଲ ସହିତ ରାଜ୍ୟ ଗୃହରାଷ୍ଟ୍ର ଯୁବ ଏବଂ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ବଦ୍ରିନାରାୟଣ ପାତ୍ର, ଏରସମା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଆନନ୍ଦପୁର ଉପଜିଲ୍ଲାପାଳ ଘସିପୁରା ବିଡିଓ ସମେତ ଅନେକ ପ୍ରଶାସନିକ ଅଧିକାରୀଙ୍କ ଗହଣରେ ପୂଜ୍ୟପୂଜା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବ। ୫୮ ବର୍ଷ ଧରି ଗ୍ରାମବାସୀ ମିଳିତ ଭାବେ କାର୍ତ୍ତିକେଶ୍ୱର ପୂଜାକୁ ବଡ ଧୁମଧାମରେ ପାଳନ କରିବା ସହ ଏହାକୁ ଗ୍ରାମର ଗଣପର୍ବ ଭାବେ ପାଳନ କରି ଆସୁଛନ୍ତି। ମହୋତ୍ସବ କମିଟି ସଂଯୋଜକ ସୁଜିତ କୁମାର ଧୀରଙ୍କ ଆହ୍ୱାନ କ୍ରମେ ସମ୍ପାଦକ ସୌମେନ୍ଦ୍ର ଧୀର, ସଭାପତି ସନ୍ତୋଷ କୁମାର ଧୀର, ଜିତେନ୍ଦ୍ର ପଟ୍ଟନାୟକ, ପ୍ରଭାସ ଦାସ, ସୁଧାଂଶୁ ପଟ୍ଟନାୟକ, ସ୍ୱାଗତ ଧୀର, ପିଙ୍କୁନ ମାଝୀ, ପ୍ରଦିପ ନାୟକ, ଶିବଶଙ୍କର ଦାସ, ଜ୍ୟୋତିରଞ୍ଜନ ଧୀର, ପଙ୍କଜ ମାଝୀ, ବିଶ୍ୱଜିତ ଧୀର, ସନାତନ ଦଳେଇ, ଗଜେନ୍ଦ୍ର ଦଳେଇ, ବିଜ୍ଞାନ ମହାନ୍ତୀ, ପ୍ରକାଶ ନାୟକ, ପଞ୍ଚାନନ ନାୟକ, ଅଜୟ ସେନାପତି, ପତିତ ମଲିକ, ନାଣ୍ଡୁଚରଣ ଜେନା, ଅନ୍ତର୍ଯ୍ୟାମୀ ମଲ୍ଲିକ, ସୁରେଶ ମଲ୍ଲିକ, ସର୍ବେଶ୍ୱର ମଲ୍ଲିକ ସମେତ ଗ୍ରାମର ଛୋଟରୁ ବଡ ପର୍ଯ୍ୟନ୍ତ ସଭିଏଁ ପ୍ରସ୍ତୁତି ବୈଠକରେ ସାମିଲ ହୋଇ ନିଜର ମତାମତ ରଖିଥିଲେ।



## ମୂକସାକ୍ଷୀ ସାଜିଛି ଧନେଇ ପାହାଡ଼

# ପ୍ରଥମାଷ୍ଟମୀରେ ପାହାଡ଼ଚଢ଼ା ଏକ ନିଆରା ପରମ୍ପରା

ଘସିପୁରା, ୫।୧୨(ସମିସ)





ପ୍ରଥମାଷ୍ଟମୀ ପର୍ବକୁ ନିଆରା ଢଙ୍ଗରେ ପାଳନ କରିଆସୁଛନ୍ତି କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ଗ୍ରାମର ଯୁବ ପିଢ଼ି। ଗାଁ ପୂର୍ବ ଦିଗରେ ଥିବା ୫୦୦ ଫୁଟ ଉଚ୍ଚ ଧନେଇ ପାହାଡ ଉପରକୁ ଚଢି ପ୍ରକୃତିର ଶୋଭା ଉପଭୋଗ କରିବା ଏକ ନିଆରା ଅନୁଭୁତି। ପାହାଡ ଚଢିବାର ମଜା ଏଠି ନିଆରା। ସୁଉଚ୍ଚ ପାହାଡ ସହ ଅନେକ ଗଛ ଲଟା ପଥର ଚଟାଣ ଦେଇ ଶହ ଶହ ଯୁବ ପିଢି ପାହାଡ଼ ଉପରେ ଚଢ଼ି ପ୍ରକୃତିର ମନଲୋଭା ଶୋଭା ଉପଭୋଗ କରିବା ସହିତ ସେଲ୍‌ଫିର ମଜା ନିଅନ୍ତି। କେନ୍ଦୁଝର- ଯାଜପୁର ସୀମାରେ କେଉଁ ଆବାହନ କାଳରୁ ଜାଗ୍ରତ ପ୍ରହରୀ ଭାବେ ଦଣ୍ଡାୟମାନ ହୋଇ ରହିଛି ଧନେଇ ପାହାଡ। ପାହାଡ ପଛ ପଟେ ଯାଜପୁର ଜିଲ୍ଲା କଳିଙ୍ଗନଗର ରହିଥିବା ବେଳେ ଅଧୁନା ସୁକିନ୍ଦା ରାଜାଙ୍କ ପରିସୀମା ରହି ଆସିଛି। କାହିଁ କେଉଁ କାଳରୁ ଏହି ପାହାଡ ଚଢା ପର୍ବ ରହିଆସିଛି ବୋଲି ଗ୍ରାମର ବୟୋଜ୍ୟେଷ୍ଠ ମୁରବୀମାନେ କହନ୍ତି। ଲୋକ କଥାନୁସାରେ ରାଜା ରାଜୁଡା ଶାସନ ସମୟରେ ପାହାଡ଼ ଉପର ଗୁମ୍ଫା ମଧ୍ୟରେ ପର୍ବତ ରାଣୀ ମା' ଧନେଇ ବିରାଜ ମାନ କରୁଥିଲେ। ପ୍ରଥମାଷ୍ଟମୀ ଅବସରରେ ମା'ଙ୍କ ପୀଠରେ ବିଶେଷ ପୂଜାର୍ଚ୍ଚନା ସହ ମା'ଙ୍କୁ ନୂଆ ବସ୍ତ୍ର ଦାନ କଲେ ବିଶେଷ ପୂଣ୍ୟ ମିଳିଥାଏ ବୋଲି ସେହି ଦିନରୁ ବିଶ୍ୱାସ ରହିଆସିଛି। ସେହି ବିଶ୍ୱାସକୁ ଉଜ୍ଜୀବିତ କରି ପ୍ରତ୍ୟେକ ବର୍ଷ ଏହି ନିଆରା ପାହାଡ ଚଢ଼ା ଅଭିଯାନ ଅନୁଷ୍ଠିତ ହୋଇଆସୁଛ। ଅବଶ୍ୟ ଏବେ ମା'ଧନେଇ ଠାକୁରାଣୀ ପାହାଡ ପାଦଦେଶରେ ଥିବା ଶିଆଡି ଲଟାକୁଞ୍ଜରେ ପୂଜା ପାଇ ଆସୁଛନ୍ତି। ପ୍ରଥମାଷ୍ଟମୀ ଅବସରରେ ପାହାଡ଼ ତଳେ ଅସ୍ଥାୟୀ ଭାବେ ଅନେକ ଗୁପଚୁପ୍, ଆଇସକ୍ରିମ୍, ଚଟପଟି ଷ୍ଟଲ ଭିଡ଼ ଜମାଇଛନ୍ତି। ଏହି ପର୍ବ ପୁରୁଣାବାନ୍ଧଗୋଡା ଗ୍ରାମ ପାଇଁ ସ୍ୱତନ୍ତ୍ର ଓ ନିଆରା। ପ୍ରଥମାଷ୍ଟମୀରେ ଗ୍ରାମରେ ଝିଅଜ୍ୱାଇଁ ବନ୍ଧୁବାନ୍ଧବ ସବୁ ଗାଁକୁ ଆସିଥାନ୍ତି। ସମସ୍ତେ ଏହି ପାହାଡ ଚଢ଼ାରେ ଅଂଶଗ୍ରହଣ କରିଥାନ୍ତି। ଏହି ପାହାଡ଼ ଚଢ଼ାରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫ ଖଣ୍ଡି ଗ୍ରାମରୁ ବିଶେଷ କରି ଯୁବପିଢି ସାମିଲ୍ ହୋଇଥାନ୍ତି। ପ୍ରଥମାଷ୍ଟମୀର ଗୋଟିଏ ଦିନ ପୂର୍ବରୁ ବନ ବିଭାଗର ସହମତିରେ ସ୍ଥାନୀୟ ପୁରୁଣାବାନ୍ଧଗୋଡ଼ା ଯୁବକ ସଂଘ ତରଫରୁ ତାରିଣୀ ପ୍ରସାଦ ପଟ୍ଟନାୟକ, ଅମେରେଶ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ସ୍ମୃତିରଞ୍ଜନ ପଟ୍ଟନାୟକ, ରାକେଶ ମାଝୀ, ମଳୟ ଜେନା, ଆର୍ତ୍ତସାରଥୀ ପଟ୍ଟନାୟକ, ସୁକାନ୍ତ ଜେନା, ମନୋଜ ପଟ୍ଟନାୟକ, ସୌମ୍ୟଶଂକର ପାଣି, ପିକେଶ ମାଝୀ, ପିଣ୍ଟୁ ସା, ବବୁଲ ବେହେରା, ପାପୁନ ମାଝୀ, ପଙ୍କଜ ମାଝୀ, ମଳୟ ପଟ୍ଟନାୟକ ସମେତ ବହୁ ଯୁବକ ପାହାଡ଼ ଚଢ଼ା ବାଟ ସଫା କରିବା ସହ ପର୍ବ ପରିଚାଳନାରେ ସକ୍ରିୟ ସହଯୋଗ କରିଛନ୍ତି।

▶ ନିଆରା ଢଙ୍ଗରେ ଛାତ୍ରାବାସରେ ପାଳିତ ହେଲା ପ୍ରଥମାଷ୍ଟମୀ

# ପିତାମାତାଙ୍କ ପ୍ରଥମ ସନ୍ତାନ ଦେବଦେବୀଙ୍କ ପ୍ରସାଦ ସ୍ୱରୂପ

ବଡସାହି, ୫।୧୨(ସମିସ): ପିତାମାତାଙ୍କ ପ୍ରଥମ ସନ୍ତାନ ଦେବଦେବୀଙ୍କ ପ୍ରସାଦ ସ୍ୱରୂପ। ପ୍ରଥମ ଗର୍ଭର ସନ୍ତାନଙ୍କୁ ଉତ୍କଳରେ କୁହାଯାଏ ପୋଢୁଆଁ ପିଲା। ସେହି ପୋଢୁଆଁମାନଙ୍କ ପର୍ବ ହେଉଛି ପ୍ରଥମାଷ୍ଟମୀ। ଓଡ଼ିଆ ସଂସ୍କୃତିରେ ପୋଢୁଆଁମାନେ ମାମୁଁ ଘର ପକ୍ଷରୁ ମିଳିଥିବା ନୂତନ ବସ୍ତ୍ର ପିନ୍ଧିବା ଓ ହଳଦୀପତ୍ରରେ ପିଠା ଖାଇବା ପରମ୍ପରା କେଉଁ ଅନାଦି କାଳରୁ ରହି ଆସିଛି। ଲୋକକଥାରୁ ଜଣାପଡେ ଯେ, ମାମୁଁ ଘର ନୂତନ ବସ୍ତ୍ର ପିନ୍ଧିଲେ ମାମୁଁ ମାଈଁଙ୍କ ଅନ୍ତେ ସେମାନଙ୍କୁ ପିଣ୍ଡ ଦେବାର ଅଧିକାର ଏହି ପ୍ରଥମାଷ୍ଟମୀରୁ ପୋଢୁଆଁମାନେ ପାଇଥାନ୍ତି। ଅନ୍ୟପକ୍ଷରେ ହଳଦୀ କୃମିନାଶକ ହୋଇଥିବାରୁ ପିଲାମାନେ କୃମି ରୋଗ ଭୋଗନ୍ତି ନାହିଁ ବୋଲି ସ୍ଥାନୀୟ ବିବେକାନନ୍ଦ ବିହାରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଛାତ୍ରାବାସରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ସାମୂହିକ ପ୍ରଥମାଷ୍ଟମୀ ପାଳନ ସମାରୋହ ଅବସରରେ ମୁଖ୍ୟଅତିଥି ଡକ୍ଟର ସୁଧାଂଶୁ ଶେଖର ପ୍ରଧାନ ଯୋଗଦେଇ ଏହା ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ଜେଜେ ମାଆ ନିଶାମଣି ରାଉତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମଧୁମିତା ସାହୁ, ଦିପକ ଦାସ ଓ କୁଆଁର ଦାସବାବୁ ସମ୍ମାନିତ ବକ୍ତା ଭାବରେ ଯୋଗଦାନ କରି ଏହି ମହାନ ପରଂପରାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆରତି ମହାକୁଡ, ରତନ ବେହେରା, ଦୁର୍ଯ୍ୟୋଧନ ମହାନ୍ତ, ମାଧବାନନ୍ଦ ଉପାଧ୍ୟାୟ, ଜିତୁରାମ ହାଁସ୍‌ଦା ଓ ଗୋପୀନାଥ ନାୟକ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରାବାସର ୨୭ଜଣ ଛାତ୍ର ଓ ୧୫ଜଣ ଛାତ୍ରୀ ପୋଢୁଆଁ ଭାବେ ଏହି ଯୋଗଦାନ କରିଥିଲେ। ଚଳିତ ବର୍ଷ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଯୋଗଦାନ କରି ପିଲାମାନଙ୍କୁ ନୂତନ ବସ୍ତ୍ର ପିନ୍ଧାଇବା ସହିତ ପିଠା ଓ ମିଠା ଖୁଆଇଥିଲେ। ବୃନ୍ଦାବତୀ ଗୁରୁମା, ଭାଗ୍ୟଶ୍ରୀ ଗୁରୁମା, ବାସନ୍ତି ଗୁରୁମା ପିଲାମାନଙ୍କୁ ବନ୍ଦାପନା କରିବା ସହିତ ବଡି ବାହାଘର କରିଥିଲେ। କାର୍ଯ୍ୟକ୍ରମକୁ ଶୁଭଜିତ୍ ଶୁଭଙ୍କର ପରିଚାଳନା କରିଥିଲେ। ପରେ ଛାତ୍ରଛାତ୍ରୀ ମାନେ ପୋଢୁଆଁମାନଙ୍କୁ ପିଠା ଓ ମିଠା ଖୁଆଇଥିଲେ। ଏହି ଅବସରରେ ଶତାଧିକ ପିତାମାତା ଉପସ୍ଥିତ ରହି ପିଲାମାନଙ୍କୁ ଆର୍ଶୀବାଦ ପ୍ରଦାନ କରିଥିଲେ।




ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଋଣମେଳା

# ୭୪ ମହିଳା ଗୋଷ୍ଠୀକୁ ୩.୪୪ କୋଟି ପ୍ରଦାନ




ବେତନଟୀ, ୫।୧୨(ସମିସ): ମିଶନଶକ୍ତି ଏବଂ ଓଡ଼ିଶା ଜୀବିକାମିଶନ ପକ୍ଷରୁ ବେତନଟୀ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ତ୍ରୈମାସିକ ବୈଠକ ଅନୁଷ୍ଠିତ ହେବା ସହିତ ଏକ ମେଗା ଋଣମେଳା ସୋମବାର ଆୟୋଜିତ ହୋଇଥିଲା। ବେତନଟୀ ବ୍ଲକ ପ୍ରୋଗ୍ରାମ ସଂଯୋଜକ ରବୀନ୍ଦ୍ର କୁମାର ଚାନେଙ୍କ ସଂଯୋଜନା ଏବଂ ଓଡ଼ିଶା ଜୀବିକା ମିଶନର ବେତନଟୀ ବ୍ଲକ ବିପିଏମ ଡ. ସୁଶ୍ରୀ ମଧୁଛନ୍ଦା ବେହେରାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଲଡିଏମ ଶିବପ୍ରସାଦ ଚୌଧୁରୀ, ଓଡ଼ିଶା ଜୀବିକା ମିଶନର ଏପିଡି ମଧୁସ୍ମିତା ଭୂୟାଁ, ଗ୍ରାମାଞ୍ଚଳ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଶରତ କୁମାର ମିଶ୍ର, ବ୍ୟାଙ୍କ ଅଫ ଇଣ୍ଡିଆ ବେତନଟୀ ଶାଖାପ୍ରବନ୍ଧକ ପ୍ରଳୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବ୍ଲକଲେବୁଲ ଫେଡେରେସନ (ବିଏଲଏଫ) ସଭାପତି ଭାରତୀ ଦାସ ଏବଂ ଗ୍ରାମପଞ୍ଚାୟତସ୍ତରୀୟ ଫେଡେରେସନ (ଜିପିଏଲଏଫ)ର ଲିଡର, ବିଭିନ୍ନ ପଞ୍ଚାୟତର ଏମବିକେ, ବ୍ୟାଙ୍କମିତ୍ର ତଥା ସ୍ୱୟଂସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟାଗଣ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବେତନଟୀ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ୭୪ଟି ଏସଏଚଜି ଗ୍ରୁପକୁ ଋଣମେଳା ମାଧ୍ୟମରେ ମୋଟ ୩କୋଟି ୪୪ଲକ୍ଷ ୭୫ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।

# ଜିଲ୍ଲା ଗଠନ ନେଇ ରାଜସ୍ୱ ମନ୍ତ୍ରୀଙ୍କ ସହ ନାଗରିକଙ୍କ ଆଲୋଚନା

 କରଞ୍ଜିଆ, ୫।୧୨(ସମିସ): ଓଡ଼ିଶାର ସର୍ବବୃହତ୍ ଜିଲ୍ଲାର ମାନ୍ୟତା ରଖିଥିବା ମୟୂରଭଞ୍ଜକୁ ସୁଶାସନ ଦେବା ଲକ୍ଷ୍ୟରେ ଆଉ ଏକ ଜିଲ୍ଲାର ଆବଶ୍ୟକତା ରହିଛି। ଜିଲ୍ଲାର ପାଞ୍ଚପୀର ଉପଖଣ୍ଡ ହେଉଛି ଜିଲ୍ଲା ସଦର ମହକୁମା ବାରିପଦାରୁ ବହୁ ଦୂରରେ। ଏପରିକି ଗୋଡ଼ଭଙ୍ଗା ଓ ଘାଗରବେଡା ବାରିପଦାଠାରୁ ୧୫୦ କିମି। ଆଦିବାସୀ ଅଧ୍ୟୁଷିତ ଉପଖଣ୍ଡବାସୀ ପ୍ରଶାସନିକ ସେବା ପାଇବା ପାଇଁ ଦୀର୍ଘ ଦିନହେଲା କରଞ୍ଜିଆରେ ଆରଟିଓ, ଏଡିଏମ, ବିଦ୍ୟୁତ ବିଭାଗର କାର୍ଯ୍ୟ ନିର୍ବାହୀଙ୍କ କାର୍ଯ୍ୟାଳୟ, ଶିକ୍ଷା ବିଭଗ, ଅତିରିକ୍ତ ଜିଲ୍ଲା ପୁଲିସ ଅଧିକ୍ଷଙ୍କ କାର୍ଯ୍ୟାଳୟ ସମେତ ଅନେକ ବିଭାଗୀୟ କାର୍ଯ୍ୟାଳୟ ପାଇଁ ଦାବି କରିଆସୁଛି। ଜିଲ୍ଲା ମାନ୍ୟତା ପାଇବା ପାଇଁ ସମସ୍ତ ଭିତ୍ତିଭୂମି ଏଠାରେ ଥିବାରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କରଞ୍ଜିଆ ଗସ୍ତ ସମୟରେ ଜନସାଧାରଙ୍କ ପକ୍ଷରୁ ଜିଲ୍ଲା ମାନ୍ୟତା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ରବିବାର ସନ୍ଧ୍ୟାରେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଥିବା ମନ୍ତ୍ରୀ ସୁଦାମ ମାରାଣ୍ଡି କରଞ୍ଜିଆ ଆସିଥିବାବେଳେ ସହରର ମାନ୍ୟଗଣ୍ୟ ନାଗରିକାମାନେ ତାଙ୍କୁ ଭେଟି ଆଲୋଚନା କରିଥିଲେ। ଜନସାଧାରଣଙ୍କ ପକ୍ଷରୁ ଦିଲ୍ଲୀପ ସାହୁ, ଗିରିଧାରୀ ପୃଷ୍ଟି, ଭୁବନ ସାହୁ, ବିଶ୍ୱଜିତ ଚୌଧୁରୀ, ସ୍ୱରୂପ ପରିଜା, ଉମାଶଙ୍କର ଦାସ, କର୍ଣ୍ଣାର୍ଜୁର୍ଣ୍ଣ ସାହା ପ୍ରମୁଖ ମନ୍ତ୍ରୀ ଶ୍ରୀ ମାରାଣ୍ଡିଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଭୌଗୋଳିକ ଦୃଷ୍ଟିକୋଣରୁ ଲୋକେବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅବଗତ କରାଇଥିଲେ। କରଞ୍ଜିରେ ଜିଲ୍ଲା ସଦର ମହକୁମା ହେବାର ସମସ୍ତ ଭିତ୍ତିଭୂମି ରହିଥିବା ବେଳେ ସରକାର ବିଚାର କରିବାକୁ ପ୍ରତିନିଧି ଦଳ ଅନୁରୋଧ କରିଥିଲେ।



# ବିଶ୍ୱ ଏଡ୍‌ସ ଦିବସ ପାଳିତ

କରଞ୍ଜିଆ, ୫।୧୨(ସମିସ): କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଅଧ୍ୟକ୍ଷ ଉମେଶ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଅଧ୍ୟାପକ ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏହି ଦିବସ ପାଳନର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସଚେତନତା ହିଁ ସୁରକ୍ଷା। ଏଡସରୁ ରକ୍ଷା ସମ୍ପକରେ ଉପସ୍ଥିତ ଥିବା ଛାତ୍ରୀମାନଙ୍କ ସହିତ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନଙ୍କୁ ଅବଗତ କରାଇବା ସହ ଏଡସ ପରି ରୋଗରୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଦିଲ୍ଲୀପ କୁମାର ପୃଷ୍ଟି, ଗଣିତ ଅଧ୍ୟାପକ ସଞ୍ଜିତ କୁମାର କର, ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଯଯାତି କେଶରୀ ମହାନ୍ତ, ରାସାୟନ ବିଜ୍ଞାନ ଅଧ୍ୟାପକ ଶୁଭ୍ରାଂଶୁ ତ୍ରିପାଠୀ, ଗୃହ ବିଜ୍ଞାନ ଅଧ୍ୟାପିକା ଶୁଭଶ୍ରୀ ଶ୍ୱେତପଦ୍ମା ପ୍ରମୁଖ ଛାତ୍ରୀମାନଙ୍କୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଦିବସରେ ଏକ ସଚେତନତା ଶୋଭାଯାତ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବାହାରି ସ୍ଥାନୀୟ ଅଙ୍କୁରା ଛକ ଟେଣ୍ଟୋପୋଷି ହୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଫେରିଥିଲା। ଉକ୍ତ ଶୋଭାଯାତ୍ରାରେ ଛାତ୍ରୀମାନେ ବିଭିନ୍ନ ସଚେତନତା ସ୍ଲୋଗାନ ଓ ପ୍ଲାକାର୍ଡ ସାହାଯ୍ୟରେ ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ।




# ଓଡ଼ିଶା ରାଜ୍ୟ ବେଶ୍ରା ଗୋଷ୍ଠୀର ବୈଠକ



ରାଇରଙ୍ଗପୁର, ୫।୧୨(ସମିସ): ରବିବାର ରାଇରଙ୍ଗପୁରରେ ଓଡ଼ିଶା ରାଜ୍ୟ ବେଶ୍ରା ଗୋଷ୍ଠୀ (ଗାଦେଲ୍)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଗୋପାଳଚନ୍ଦ୍ର ବେଶ୍ରା, ଦେବୀପ୍ରସନ୍ନ ବେଶ୍ରା ଏବଂ ନାରାନ୍ ପ୍ରସାଦ ବେଶ୍ରାଙ୍କ ଆହ୍ୱାନ କ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୨୪ ମସିହାରେ ରାଇରଙ୍ଗପୁର ଅଞ୍ଚଳରେ ବେଶ୍ରା ଗୋଷ୍ଠୀର ମିଳନ ଉତ୍ସବ ଆୟୋଜନ କରିବା ସଂଗେ ସଂଗେ ସ୍ୱର୍ଗତ ବାଡା ବେଶ୍ରାଙ୍କ ୧୦୦ତମ ଜନ୍ମ ବାର୍ଷିକୀ ପାଳନ କରିବା ଏହି ବୈଠକର ମୁଖ୍ୟ ଲକ୍ଷ୍ୟ। ଏହି ଅବସରରେ ଓଡ଼ିଶା ପ୍ରଦେଶ ବେଶ୍ରା ଗୋଷ୍ଠୀର ସମିତି ପାଇଁ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଦେବୀପ୍ରସନ୍ନ ବେଶ୍ରା, ଉପ ସଭାପତି ବିଶ୍ୱନାଥ ବେଶ୍ରା, ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ବେଶ୍ରା, ସାଧାରଣ ସହ ସମ୍ପାଦକ ସାହ୍ଲାଇ ବେଶ୍ରା, କାର୍ଯ୍ୟକାରୀ ସମ୍ପାଦକ ନାରାନ୍‌ପ୍ରସାଦ ବେଶ୍ରା, କୋଷାଧକ୍ଷ ଚାମ୍ପୁ ବେଶ୍ରା, ସହକୋଷାଧ୍ୟକ୍ଷ ଶଙ୍କର ବେଶ୍ରାଙ୍କୁ ଚୟନ କରାଯାଇଛି। ସେହିପରି କମିଟିରେ ୧୫ଜଣ କାର୍ଯ୍ୟକାରୀ ସଦସ୍ୟଙ୍କୁ ନିଆଯାଇଛି। ସମାଜସେବୀ ଗୋପାଳ ଚନ୍ଦ୍ର ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ




ବେତନଟୀ, ୫।୧୨(ସମିସ): ରାଗ୍ଡାସ୍ଥିତ ଶ୍ରୀରାମଚନ୍ଦ୍ରଭଞ୍ଜ ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ 'ଯୁବ ଓଡ଼ିଶା- ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସୋମବାର ଉଦଘାଟିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଅନନ୍ତ ନାରାୟଣ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦଘାଟନ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ନୋବେଲ ପୁରସ୍କାର ବିଜେତା ମଦର ଟେରେସାଙ୍କ ଜୀବନ ଦର୍ଶନ ଉପରେ ସମ୍ୟକ ବକ୍ତବ୍ୟ ଉପସ୍ଥାପନ ପୂର୍ବକ ଛାତ୍ରଛାତ୍ରୀଙ୍କୁ ବହୁ ଗଠନମୂଳକ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ମୟୂରଭଞ୍ଜ ଜିଲ୍ଲା ବିଜ୍ଞାନପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଛାତ୍ରଛାତ୍ରୀଙ୍କ ଜୀବନରେ ଶିକ୍ଷା ସହିତ କ୍ରୀଡା, ସଂସ୍କୃତି ଏବଂ ସମାଜସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସନ୍ଦର୍ଭରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନ୍ୟତମଅତିଥି ଭାବେ ପରିଚାଳନା କମିଟିର ପ୍ରାକ୍ତନ ସମ୍ପାଦକ ସୁକାନ୍ତ କୁମାର ମହାନ୍ତ ମଧ୍ୟ ଯୋଗଦେଇଥିଲେ। ଅଧ୍ୟାପକ ଦିପ୍ତୀପ୍ରକାଶ ମହାନ୍ତ ସ୍ୱାଗତଭାଷଣ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କ୍ରୀଡା, ସଂସ୍କୃତି ଏବଂ ସମାଜସେବା କ୍ଷେତ୍ରରେ ନିଜର ପାରର୍ଶିତା ଦେଖାଇବା ତଥା ସୃଜନଶକ୍ତିର ବିକାଶ ନିମନ୍ତେ ୧୫ଦିନ ଧରି ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯିବାର କାର୍ଯ୍ୟକ୍ରମ ଥିବାନେଇ ଅଧ୍ୟକ୍ଷ ଶ୍ରୀ ମିଶ୍ର ସୂଚନା ଦେଇଥିଲେ। ଅଧ୍ୟାପକ ଡ. ହାଡିବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ସଚେତନତା ରଥ ଉଦ୍‌ଘାଟିତ

ରାଇରଙ୍ଗପୁର, ୫।୧୨(ସମିସ): ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁରରେ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଉପଜିଲ୍ଲାପାଳ ସରୋଜ କୁମାର ଦାସଙ୍କ କରକମଳରେ ମଣ୍ଡିରେ ଧାନ ବିକ୍ରୟ ନିମନ୍ତେ ଏକ କୃଷକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ରଥ ଉପଖଣ୍ଡର ପ୍ରତି ବ୍ଲକର ସମସ୍ତ ପଞ୍ଚାୟତ ଯାଇ ଲୋକଙ୍କୁ ଧାନ ଦର ସମ୍ପର୍କରେ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ଏଆରସିଏସ ରାଇରଙ୍ଗପୁର ସୀମା ମୁର୍ମୁ, ଏସଏଆରସି ଏସ ରାମଚନ୍ଦ୍ର ବିଶ୍ୱାଳ, ଆରଏମସି ସମ୍ପାଦକ ମନୋରଞ୍ଜନ ବେହେରା, ଆରଏମସି କୋଷାଧକ୍ଷ ଦିନେଶ କୁମାର ବେହେରା, ଆରଏମସି କର୍ମଚାରୀଗଣ ଦେବନନ୍ଦନ କୁମାର, ଶିବକୁମାର ଦାଶ, ବିଜୟ କୁମାର ଦାସ ଓ ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦ ପାଠ୍ୟ କର୍ମୀ ସମ୍ମିଳନୀ

କୁଆମରା, ୫।୧୨(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ପଟୁଆ ଗ୍ରାମର ଶ୍ରୀଅରବିନ୍ଦ ସାଧନାଳୟ ତରଫରୁ ଶ୍ରୀଅରବିନ୍ଦଙ୍କ ୫୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ତିନି ଦିନ ଧରି ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ଆସ୍ଥା ଜୋନର ଶତାଧିକ କର୍ମୀ କର୍ମଶାଳାରେ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମଶାଳାରେ ଆସ୍ଥା ଜୋନର ସଂଯୋଜକ ନାରାୟଣ ଅଗସ୍ତି, ନବ ଜୀବନ ଶିକ୍ଷା ସଂସଦ ତରଫରୁ ବ୍ରଜମୋହନ ବେହେରା ଓ ପ୍ରଦୀପ କୁମାର ଧଳ ପ୍ରମୁଖ ଯୋଗ ଦେଇ କର୍ମୀ ହିଁ ଲକ୍ଷ୍ୟ ଓ ସଂଗଠନର ମୂଳ ମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଶ୍ରୀ ଅରବିନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

## ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ

ମହୁଲଡିହା, ୫।୧୨ (ସମିସ): ଠାକୁରମୁଣ୍ଡା ବ୍ଲକ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଗତ ୩ ତାରିଖରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ୮୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁଦର୍ଶନ ପତି ଓ ପଙ୍କଜିନୀ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ

ବଡସାହି, ୫।୧୨(ସମିସ): ବଡସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତ ଜବାହରଲାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ସନ୍ତୋଷ କୁମାର ସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ. ନରୋତ୍ତମ ପରିଡ଼ା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ନରେନ୍ଦ୍ର ମୋହନ ମାହାର୍ଣ୍ଣା, ଅମୂଲ୍ୟ ଦ୍ୱିବେଦୀ, ସଚ୍ଚିଦ୍ରନାଥ ସାନ୍ତରା, ରାଧାକୃଷ୍ଣ ମାହାର୍ଣ୍ଣା ପ୍ରମୁଖ ଯୋଗ ଦେଇ ପୁରାତନ ଛାତ୍ରମାନଙ୍କ ଦ୍ୱାରା ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ଫଳରେ ସମସ୍ତ ପୁରାତନ ଛାତ୍ରମାନଙ୍କ ସହିତ ସମ୍ପର୍କ ବଢ଼ିବା ସହିତ ଭାଇଚାରା ଭାବ ସ୍ଥାପନ ହେବ ଓ ସେମାନେ ସମସ୍ତଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା। ଆୟୋଜକ ମାନେ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖି ଏହି କାର୍ଯ୍ୟକ୍ରମ କରୁଥିବାରୁ ସୋମାନଙ୍କୁ ମଧ୍ୟ ଅତିଥିମାନେ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଡିକାଲ ଓ ଇଞ୍ଜିନିୟରିଂରେ ସଂରକ୍ଷଣ ସମ୍ପର୍କିତ ଆଲୋଚନାଚକ୍ର

ବେତନଟୀ, ୪।୧୨(ସମିସ): କୃଷ୍ଣଚନ୍ଦ୍ରପୁର ହାୟାରସେକେଣ୍ଡାରୀ ସ୍କୁଲରେ ମେଡିକାଲ ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ରହିଥିବା ୧୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଏକ ସଚେତନତାମୂଳକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ମେଡିକାଲ ଏବଂ ଇଞ୍ଜିନୋୟିରିଂ ପାଠ୍ୟକ୍ରମରେ କିଭଳି ମେଧାବୀପିଲାଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା ରହିଛି ସେନେଇ ଆୟୋଜିତ ଆଲୋଚନାଚକ୍ରରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଅଧ୍ୟକ୍ଷା ଡ. ମନ୍ଦାକିନୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟାପକ ଶେଖାୱତ ଅଲ୍ଲୀ, ଅଧ୍ୟାପକ ଅଜିତ କୁମାର ବେହେରା, ଅଧ୍ୟାପକ ଅଭୟ କୁମାର ସେନାପତି, ଅଧ୍ୟାପକ ସଞ୍ଜିତ କୁମାର ଦାସ, ଅଧ୍ୟାପକ ଭୂପାଳଚନ୍ଦ୍ର ପ୍ରଧାନ, ଲାଇବ୍ରେରିୟାନ ପ୍ରକାଶଚନ୍ଦ୍ର ରାଜ୍‌ଙ୍କ ସମେତ ବସନ୍ତ କୁମାର ବାରିକ ପ୍ରମୁଖ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।

୧୯ରେ ଜିଲ୍ଲାସ୍ତରୀୟ ନୂଆ 'ଓ' କାର୍ଯ୍ୟକ୍ରମ

# ଯୁବଶକ୍ତିର କଳାତ୍ମକମାନର ବିକାଶ ଲକ୍ଷ୍ୟ

ବାରିପଦା, ୫।୧୨(ସମିସ): ରାଜ୍ୟରେ ଯୁବଶକ୍ତିର କଳାତ୍ମକ, କ୍ରୀଡା ଏବଂ ଗୁଣାତ୍ମକ ବିକାଶ ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି 'ନୂଆ-ଓ' କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ସୋମବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲରେ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଅଧ୍ୟକ୍ଷତା କରିଥିବା ବେଳେ ବୈଠକକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଜିଲ୍ଲାବ୍ୟାପୀ ସଫଳ କରାଇବା ପାଇଁ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କର ଯୁବ ଶକ୍ତି ବିକାଶ 'ନୂଆ-ଓ' କାର୍ଯ୍ୟକ୍ରମକୁ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଆଦୃତ କରାଇବା ହେଉଛି ମୁଖ୍ୟ ଲକ୍ଷ୍ୟ। ଏଣୁ ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ଲକ, ଉପଖଣ୍ଡ ଓ ପରବର୍ତ୍ତୀ ସମୟରେ ଜିଲ୍ଲା ସ୍ତରୀୟ ବିଭିନ୍ନ କ୍ରୀଡା, ରଚନାତ୍ମକ ଓ କଳାତ୍ମକ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବ। ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ, ବାରିପଦା ସ୍ଥିତ ଏମ.ପି.ସି. (ସ୍ୱୟଂଶାସିତ) ମହାବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବରେ ଚୟନ କରିଥିଲେ। ଯଦ୍ଦ୍ୱାରା ଜିଲ୍ଲାସ୍ତରୀୟ ସମସ୍ତ ପ୍ରତିଯୋଗିତା ଏହି ମହାବିଦ୍ୟାଳୟର ସହଯୋଗ ଏବଂ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଯେ ସମୁଦାୟ ୬ଟି କ୍ରିୟାରେ ଛାତ୍ରଛାତ୍ରୀ ଭାଗ ନେଇପାରିବେ ଏବଂ ଏହି ପ୍ରତିଯୋଗିତା ଉପଖଣ୍ଡ ସ୍ତରରେ ଆସନ୍ତା ୧୫ ତାରିଖ ସୁଦ୍ଧା ସମାପ୍ତ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଏହି ମାସ ୧୯ ତାରିଖରେ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ମହାବିଦ୍ୟାଳୟ ଏହି କାର୍ଯ୍ୟକ୍ରମରେ ଭାଗ ନେବେ। କୃତୀ ପ୍ରତିଯୋଗୀଙ୍କୁ ନେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ବିଶେଷକରି ସୁରକ୍ଷା, ସ୍ୱାସ୍ଥ୍ୟ, ସୂଚନା ଓ ପ୍ରସାରଣ, ଗମନାଗମନ, ଖାଦ୍ୟପେୟ, ପୁରସ୍କାର, ରାଜସ୍ୱର ଉଚିତ ନିର୍ଗମନ, ବିଭିନ୍ନ ଷ୍ଟଲ ଏବଂ ମଞ୍ଚ ଦାୟିତ୍ୱ ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ରୂପଭାନୁ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମହାରଣା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଏମପିସି ମହାବିଦ୍ୟଳୟର ଅଧ୍ୟାପକ ଏବଂ ଛାତ୍ର ପ୍ରତିନିଧି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ଦୀପ୍ତି ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ମୋହନ ସେଠୀ, ଜିଲ୍ଲା କ୍ରୀଡା ଅଧିଆକରି ଅବନୀ ମୋହନ ମହାନ୍ତି, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ବାରିପଦା ପୌର ନିର୍ବାହୀ ଅଧିକାରୀ ବସନ୍ତ କୁମାରସେଠୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ ଭବେନ୍ଦ୍ରନାଥ ଦେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



